

“ ଅଳ୍ପ ବୟସରେ ଯଦି ଜଣେ ଉଦୀୟମାନ ଯୁବକ ମରିଗଲା, ତେବେ ଜାଣିବ ଯେ ସେ ଈଶ୍ୱରଙ୍କର ଅତି ପ୍ରିୟ ଥିଲା ଓ ଈଶ୍ୱରଙ୍କ ଡାକରାରେ ଚାଲିଗଲା।

\- ମେନାଣ୍ଡର

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ..............................



ଲିପ୍ସା
ପରିବାରବର୍ଗ



କିର୍ତ୍ତିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ପ୍ରଥମ ପୃଷ୍ଠାରୁ...

## ଆଜିଠୁ...

ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଉପସ୍ଥାପନ କରିଥିଲେ। ମୋଦି ୨.୦ ସରକାରଙ୍କ ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ ଆସନ୍ତା ୫ ତାରିଖରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଲୋକ ସଭାରେ ଉପସ୍ଥାପନ କରିବେ। ମଧ୍ୟପ୍ରଦେଶର ଟିକମ୍‌ଗଡ଼ ଭାଜପା ଏମ୍‌ପି ବୀରେନ୍ଦ୍ର କୁମାର ଲୋକ ସଭାର ଅସ୍ଥାୟୀ (ପ୍ରୋଟେମ୍) ବାଚସ୍ପତି ହେବେ। ସେ ୧୭ ଓ ୧୮ ଦୁଇଦିନ ଧରି ଏମ୍‌ପିମାନଙ୍କୁ ଶପଥପାଠ କରାଇବେ। ୧୯ ତାରିଖରେ ଲୋକ ସଭା ବାଚସ୍ପତି ନିର୍ବାଚନ ହେବ। ସପ୍ତଦଶ ଲୋକ ସଭାରେ ବଜେଟ ବ୍ୟତୀତ ତିନି ତଲାକ୍ ବିଲ, କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ (ଶିକ୍ଷକ କ୍ୟାଡର୍‌ରେ ସଂରକ୍ଷଣ) ବିଲ୍ ଏବଂ ଆଧାର ଓ ଅନ୍ୟ ଆଇନ (ସଂଶୋଧନ) ବିଲ୍, ୨୦୧୯ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଉପସ୍ଥାପିତ ହେବ। ଏଥିପାଇଁ ରବିବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ ମୋଦି ବିରୋଧୀଙ୍କ ସହଯୋଗ ଲୋଡ଼ିଥିଲେ। ନେତାମାନେ ଉଭୟ ରାଜ୍ୟ ସଭା ଓ ଲୋକ ସଭାର ଗୃହକାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିବା ଭଲ ନୁହେଁ। ଯିଏ ଯେଉଁ ରାଜନୈତିକ ବିଚାରଧାରାର ହୋଇଥାଆନ୍ତୁ ନା କାହିଁକି ଗୃହକାର୍ଯ୍ୟରେ ସମସ୍ତେ ସହଯୋଗ କରିବା ଉଚିତ। ଏମ୍‌ପିମାନେ ଜନ ପ୍ରତିନିଧିଭାବେ ଲୋକଙ୍କ ଆଶାଆକାଂକ୍ଷା ପୂରଣ କରିବା ଦିଗରେ ଆତ୍ମସମୀକ୍ଷା କରିବା ଉଚିତ। ପାର୍ଲାମେଣ୍ଟରେ ବ୍ୟାଘାତ ସୃଷ୍ଟିକରି ଆମେ ଲୋକଙ୍କ ହୃଦୟ ଜିତିପାରିବା ନାହିଁ ବୋଲି ବୈଠକରେ ପ୍ରଧାନମନ୍ତ୍ରୀ କହିଥିଲେ। କଂଗ୍ରେସ ପକ୍ଷରୁ ବେକାରି ସମସ୍ୟା, ଚାଷୀ, ମରୁଡ଼ି, ପ୍ରେସ୍ ସ୍ୱାଧୀନତା ଏବଂ ଜମ୍ମୁ-କଶ୍ମୀରରେ ଆଗୁଆ ବିଧାନସଭା ନିର୍ବାଚନ ଭଳି ପ୍ରସଙ୍ଗ ଉଠାଯାଇଥିଲା, ଯାହାକୁ ଅଧିକାଂଶ ବିରୋଧୀ ଦଳ ସମର୍ଥନ କରିଥିଲେ। ବୈଠକରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦ, କଂଗ୍ରେସ ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀ, କେ. ସୁରେଶ, ନ୍ୟାଶନାଲ୍ କନ୍‌ଫରେନ୍ସ ନେତା ଫାରୁକ୍ ଅବ୍‌ଦୁଲ୍ଲା, ତୃଣମୂଳ କଂଗ୍ରେସ ନେତା ଡେରେକ୍ ଓ'ବ୍ରାଏନ୍ ପ୍ରମୁଖ ଉପସ୍ଥିତ ଥିଲେ। ପାର୍ଲାମେଣ୍ଟକୁ ସୁଚାରୁ ରୂପେ ପରିଚାଳନା କରିବା ଲାଗି ବୈଠକରେ ସମସ୍ତ ଦଳର ନେତାମାନେ ସହମତି ପ୍ରକାଶ କରିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟ ସଭାର ୨୪୯ତମ ଅଧିବେଶନ ଆସନ୍ତା ୨୦ରେ ଆରମ୍ଭ ହେବ ବୋଲି ଜୋଷୀ କହିଛନ୍ତି।

## ପୋଲିସ...

ସେମାନଙ୍କୁ ଘଉଡାଇବା ପାଇଁ ପୋଲିସ ଲାଠିଚାର୍ଜ ସହ ଫାଙ୍କା ଗୁଳି ଚାଳନା କରିଥିଲା। ଏଭଳିସ୍ଥିତି ଉପୁଜିବା ପରେ କୋଡିଙ୍ଗା ସଦର ମୁଖ୍ୟରାସ୍ତାରେ ପୋଲିସ ଫ୍ଲାଗ ମାର୍ଚ୍ଚ କରିବା ସହ ପ୍ରଶାସନ ୧୪୪ ଧାରା ଜାରି କରିଛି। ଅପରପକ୍ଷେ ନବରଙ୍ଗପୁରରେ ମୃତ ଗୋବର୍ଦ୍ଧନଙ୍କ ବ୍ୟବଚ୍ଛେଦ ପରେ ରବିବାର ରାତିରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି।

ପ୍ରକାଶ ଯେ, ଶନିବାର କୋଡିଙ୍ଗା ଥାନା ଅଧିନ ଖୁଣ୍ଟିଗୁଡା ସାପ୍ତାହିକ ହାଟରେ କୁକୁଡାଗାଲି (ଜୁଆଖେଳ)ଚାଲିଥିଲା। କୋଷାଗୁମୁଡା ଓ କୋଡିଙ୍ଗା ଥାନା ଅଧିକାରୀ ପୁଷ୍ପେନ୍ଦୁ ସାଗର ସାଦା ପୋଷାକରେ ଗାଲି ଉପରେ ଚଢାଉ କରି ୭ଟି ବାଇକ, ୧୭ଟି କୁକୁଡା ଓ କିଛି ଟଙ୍କା ଜବତ କରିଥିଲେ। ଏଥିସହ ଗୋବର୍ଦ୍ଧନ ଓ କମୁଲୁଙ୍କୁ ଗିରଫ କରି କୋଷାଗୁମୁଡ଼ା ଥାନାକୁ ନେଇ ଯାଇଥିଲେ। ରାତିରେ ଥାନାରେ ଗୋବର୍ଦ୍ଧନଙ୍କ ମୃତ୍ୟୁ ଘଟିବା ପରେ ପୋଲିସ ତାଙ୍କୁ ନବରଙ୍ଗପୁର ନେଇଯାଇଥିଲା। ଏଥିସହିତ ରାତାରାତି ଗୋବର୍ଦ୍ଧନଙ୍କ ସ୍ତ୍ରୀ ନୀଳା, ଝିଅ ଡମୁଣି ଓ ସମ୍ପର୍କୀୟ ଭାଇଁ ମଙ୍ଗଳ ବିନ୍ଧାଣୀଙ୍କୁ ମଧ ଡାବୁଗାଁ ପୋଲିସ ଘରୁ ଉଠାଇ ନେଇ ନବରଙ୍ଗପୁର ନେଇଯାଇଥିଲା । ଗୋବର୍ଦ୍ଧନଙ୍କ ମୃତ୍ୟୁ ହୋଇଥିବା ଖବର ଜଣାପଡିବା ପରେ ବଡ଼ ପାଞ୍ଜିଆରିଗୁଡା ଓ ଖୁଣ୍ଟିଗୁଡାରେ ଉତ୍ତେଜନା ଦେଖାଦେଇଥିଲା। ଏପରି କି କୋଡ଼ିଙ୍ଗା ଥାନାରେ ହଠାତ ଦୁଇ ପ୍ଲାଟୁନ ପୋଲିସ ମୁତୟନ କରାଯିବା ଘଟଣା ଲୋକଙ୍କ ସନ୍ଦେହକୁ ବଢ଼ାଇଥିଲା। ସକାଳୁ ଉଭୟ ଗ୍ରାମର ଶତାଧିକ ଲୋକ କୋଡିଙ୍ଗା ଥାନା ଫାଟକ ତାଲା ଭାଙ୍ଗି ଭିତରେ ଧସେଇ ପଶିବା ସହ ଭଙ୍ଗାରୁଜା କରିଥିଲେ। ପୋଲିସ ଲାଠି ଚାର୍ଜ କରିବାରୁ ଖଣ୍ଡଯୁଦ୍ଧ ଆରମ୍ଭ ହୋଇଥିଲା । ଲୋକେ ପଥର ମାଡ କରିବାରୁ ପୋଲିସ ଫାଙ୍କା ଗୁଳି ଚଳାଇବା ପରେ ଉତ୍ୟକ୍ତ ଲୋକେ ଥାନା ନିକଟରୁ ଚାଲି ଆସି ରାସ୍ତାରୋକୋ କରିଥିଲେ। ପୋଲିସ ଲାଠି ଚାର୍ଜ କରିବାରୁ ୫ ଜଣ ଆହତ ହୋଇଛନ୍ତି। ଏଭଳି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ପରେ କୋଡିଙ୍ଗା ସଦରରେ ପୋଲିସ ଫ୍ଲାଗ ମାର୍ଚ୍ଚ କରିବା ସହ ୧୪୪ ଧାରା ଜାରି କରିଛି । ନବରଙ୍ଗପୁର ଏସପି ନୀତିନ କୁସଲାକର ଡୁଗୁଡୁ, ଉପଜିଲାପାଳ କରୁଣାକର ରାଇକା, ଅତିରିକ୍ତ ଏସପି ଶାନ୍ତନୁ ମହାନ୍ତି, ଏସଡିପିଓ ବି. କେ ନାୟକ, ଅତିରିକ୍ତ ତହସିଲଦାର ମନୋଜ ପାଣିଗ୍ରାହୀ , ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ହିମାଂଶୁ ଲାଲ ପ୍ରମୁଖ ଥାନାରେ ପହଞ୍ଚିଥିଲେ । ଏହି ଘଟଣାରେ ଏସପି କହିଛନ୍ତି ଯେ ଗୋବର୍ଦ୍ଧନଙ୍କ ଶରୀର ଅସୁସ୍ଥ ଥିବାରୁ ତାଙ୍କୁ ବିଶାଖାପାଟଣା ନିଆଯାଇଥିଲା। ସେଠାରେ ମୃତ୍ୟୁ ହୋଇଛି। ତାଙ୍କ ମୃତ ଦେହକୁ ନବରଙ୍ଗପୁର ଅଣାଯିବାପରେ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଫୋର୍ସ ସୁରକ୍ଷାରେ ମହାପ୍ରୟାଣ ଗାଡିରେ ମୃତଦେହ ଗାଁକୁ ପଠାଯାଇଛି। ପରିବାର ଲୋକଙ୍କୁ ପୋଲିସ ବିଭାଗ ପକ୍ଷରୁ ୨୨ ହଜାର ଟଙ୍କା ଓ ପ୍ରଶାସନ ପକ୍ଷରୁ ୨୦ ହଜାର ଟଙ୍କା ଦିଆଯାଇଛି। ଗୋବର୍ଦ୍ଧନଙ୍କ ଝିଅ ଡମୁଣୀଙ୍କ କହିବା ଅନୁଯାୟୀ ଆମକୁ ପୋଲିସ ନବରଙ୍ଗପୁର ଡାକ୍ତରଖାନା ଆଣିଲା ବେଳକୁ ବାପାଙ୍କ ମୃତ୍ୟୁ ହୋଇ ସାରିଥିଲା। ମୃତଦେହକୁ ନେଇ ପୋଲିସ ବିଶାଖାପାଟଣା ନେଇ ଭୁଆଁ ବୁଲାଇଛି। ଘଟଣାକୁ ଚପାଇବା ପାଇଁ ସେଠାରେ ୨୦ ହଜାର ଟଙ୍କା ପୋଲିସ ଦେଇଥିଲା ବୋଲି ସେ କହିଛନ୍ତି। ସେହିପରି ଆହତ କମଲୁଙ୍କ କହିବା ଅନୁଯାୟୀ ସେମାନଙ୍କୁ ପ୍ରଥମେ କୋଷାଗୁମୁଡା ପୋଲିସ ଥାନାକୁ ନେଇ ପଚରାଉଚାର କରିଥିଲା । ସେହି ସମୟରେ ପୋଲିସ ଉଭୟଙ୍କୁ ବାଡ଼େଇଥିଲା। ପାଣି ପାଣି କହିଥିଲେ ମଧ ପୋଲିସ କିଛି ଶୁଣି ନ ଥିଲା। ପୋଲିସ ମାଡ଼ରେ ଉଭୟ ଭୟଭିତ ହୋଇଯାଇଥିଲେ। ପରେ ଗୋବର୍ଦ୍ଧନ ଓ କମଲୁଙ୍କୁ ପୁଣି କୋଡ଼ିଙ୍ଗା ଥାନା ଆଣି ପଚାର ଉଚାର କରିଥିଲା। ସେହି ସମୟରେ ଗୋବର୍ଦ୍ଧନ ଅସୁସ୍ଥ ହୋଇ ଟଳି ପଡ଼ିଥିଲେ। ଉଭୟଙ୍କୁ ପୋଲିସ କୋଷାଗୁମଡ଼ା ମେଡିକାଲରେ ଭର୍ତ୍ତି କରିଥିଲା। ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ଏହା ପରଠାରୁ ଗୋବର୍ଦ୍ଧନଙ୍କ ସମ୍ପର୍କରେ କିଛି ଜାଣି ନାହିଁ। ଏବେ ଘର ଲୋକଙ୍କ ସହ ଯୋଗାଯୋଗ କରିବା ପାଇଁ ଚାହୁଁଥିଲେ ମଧ ପୋଲିସ କରାଇ ଦେଉ ନାହିଁ ବୋଲି କମଲୁ କହିଥିଲେ । ଗୋବର୍ଦ୍ଧନଙ୍କୁ ନବରଙ୍ଗପୁର ଡାକ୍ତରଖାନାରେ ଓପିଡି ନମ୍ବର ୧୯୭୪୫ରେ ଟିକଟ କାଟି ପୋଲିସ ରେଫର କରାଇଥିଲା ବୋଲି କୁହାଯାଉଥିବାବେଳେ କେଉଁଠି ଓ କେଉଁ କାରଣରୁ ରେଫର ହୋଇଛି ତାହା ଓପିଡି ଓ ଅନ୍ୟ ରେଜିଷ୍ଟ୍ରରରେ ଉଲ୍ଲେଖ ନ ଥିବା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମୃତ ଗୋବର୍ଦ୍ଧନଙ୍କ ଭଣଜା କହିଛନ୍ତି ଯେ, ପରିବା କିଣିବାକୁ ବଜାରକୁ ଯାଉଥିବା ସମୟରେ ପୋଲିସ ମାମୁଁଙ୍କୁ ମାଡ଼ ମାରି ଗାଡିରେ ବସାଇ କୋଷାଗୁମୁଡା ନେଇଥିଲେ। ଥାନାରେ ହିଁ ପୋଲିସ ମାଡ଼ରେ ମାମୁଁଙ୍କ ମୃତ୍ୟୁ ଘଟିଛି। କୋଷାଗୁମୁଡା ଓ କୋଡିଙ୍ଗା ଥାନାରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କଲେ ଅନେକ କଥା ପଦାକୁ ଆସି ପାରିବ ବୋଲି ମୃତ ଗୋବର୍ଦ୍ଧନଙ୍କ ଭଣଜା କହିଛନ୍ତି। ପୋଲିସ ତାହାର ଭୁଲକୁ ଲୁଚାଇବା ପାଇଁ ଅଧିକାରୀଙ୍କ ସହାୟତାରେ ଉଦ୍ୟମ ଯୋରଦାର ଚଲାଇଛି ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି। ଅତିରିକ୍ତ ଏସପି ଶାନ୍ତନୁ ମହାନ୍ତି ଏକ ପ୍ରେସ ବିବୃତିରେ ଜୁଆ ଆଡ୍ଡା ଚାଲିଥିବା ଶୁଣି ପୋଲିସ ଚଢ଼ାଉ କରି ଦୁଇ ଜଣଙ୍କୁ ଗିରଫ କରିଥିଲା। ଗୋବର୍ଦ୍ଧନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏହାଛଡ଼ା ସେ ଆଉ ଘଟଣା ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି।

# ଆଜି ଦେଶବ୍ୟାପୀ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ନୂଆଦିଲ୍ଲୀ,୧୬।୬(ପି.ଟି.)**

ପଶ୍ଚିମବଙ୍ଗରେ ଡାକ୍ତରଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦରେ ଭାରତୀୟ ମେଡିକାଲ ସଂଘ (ଆଇଏମ୍ଏ)ର ଡାକରାରେ ସୋମବାର ଦେଶବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ। ସାରା ଦେଶରେ ଜରୁରୀକାଳୀନ ସ୍ୱାସ୍ଥ୍ୟସେବାକୁ ଛାଡ଼ିଦେଲେ ଅନ୍ୟସବୁ ସ୍ୱାସ୍ଥ୍ୟସେବା ବନ୍ଦ ରହିବ ବୋଲି ରବିବାର ଆଇଏମ୍ଏ ପକ୍ଷରୁ କୁହାଯାଇଛି। ଡାକ୍ତରମାନଙ୍କ ପ୍ରତି ହେଉଥିବା ହିଂସା ରୋକିବା ଲାଗି କେନ୍ଦ୍ର ସରକାର କଠୋର ଆଇନ ଆଣିବା ନିମନ୍ତେ ଆଇଏମ୍ଏ ଦାବି କରିଆସୁଛି। ଡାକ୍ତରମାନଙ୍କୁ ଆକ୍ରମଣ କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନ ଆଣିବା ନିମନ୍ତେ ଶନିବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ପତ୍ର ଲେଖିଥିଲେ।

ସୋମବାର ସକାଳ ୬ରୁ ମଙ୍ଗଳବାର ସକାଳ ୬ଟା ପର୍ଯ୍ୟନ୍ତ ସମସ୍ତ ସରକାରୀ ହସ୍ପିଟାଲରେ ଜରୁରୀ ସେବା ବ୍ୟତୀତ ଅନ୍ୟ ସବୁ ସ୍ୱାସ୍ଥ୍ୟସେବା ବନ୍ଦ ରହିବ। ଜରୁରୀ ଏବଂ ଆଶୁଚିକିତ୍ସା ସେବା ଜାରି ରହିବ ବୋଲି ଆଇଏମ୍ଏ ପକ୍ଷରୁ ସୂଚନା ଦିଆଯାଇଛି। ପଶ୍ଚିମବଙ୍ଗର ଜୁନିୟର ଡାକ୍ତରମାନଙ୍କ ଆନ୍ଦୋଳନକୁ ସମର୍ଥନ କରି ଶୁକ୍ରବାରଠାରୁ ଆଇଏମ୍ଏ ପକ୍ଷରୁ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିଛି। ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ସୁରକ୍ଷା ନିମନ୍ତେ କଠୋର କେନ୍ଦ୍ରୀୟ ଆଇନ ଆଣିବା ଲାଗି ସଂଘ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ନିକଟରେ ଦାବି କରିଛି। ଆଇଏମ୍ଏ ପକ୍ଷରୁ ସରକାରଙ୍କୁ ଦିଆଯାଇଥିବା ଚିଠା ଆଇନରେ ହସ୍ପିଟାଲଗୁଡ଼ିକୁ 'ନିରାପଦ ଅଞ୍ଚଳ' ଘୋଷଣା କରାଯିବା, ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା, ସିସିଟିଭି କ୍ୟାମେରା ସମେତ ଗଠନମୂଳକ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯିବା, ଭିଜିଟରଙ୍କ ପ୍ରବେଶ ଉପରେ କଟକଣା ଲଗାଯିବା ଆଦି ପ୍ରସ୍ତାବ ରହିଛି।

### ଆଜି ମୁଖ୍ୟମନ୍ତ୍ରୀଙ୍କ କେନ୍ଦ୍ରାପଡ଼ା ଗସ୍ତ

# ସ୍ନାନମଣ୍ଡପରେ ଶ୍ରୀଜୀଉଙ୍କୁ ଦର୍ଶନ କରିବେ ନବୀନ

**କେନ୍ଦ୍ରାପଡା ଅଫିସ, ୧୬।୬**

ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ତୁଳସୀ କ୍ଷେତ୍ରର କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉ ଗଜ ବଦନବେଶ ଧାରଣ କରିବେ। ଶ୍ରୀଜୀଉଙ୍କ ଏହି ବେଶ ଦର୍ଶନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସନ୍ଧ୍ୟାରେ କେନ୍ଦ୍ରାପଡ଼ା ଗସ୍ତ କରିବେ ବୋଲି ଜଣାପଡ଼ିଛି। ଅପରାହ୍ନ ପ୍ରାୟ ୫ଟା ବେଳେ ସେ ରଥଦାଣ୍ଡରେ ପହଞ୍ଚି ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଯିବେ। ସେଠାରୁ ସାଢ଼େ ୫ଟା ବେଳେ ବାହାରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଆଗାମୀ ଦିନରେ ପାଟକୁରା ନିର୍ବାଚନ ଥିବାରୁ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ସକାଶେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ଗସ୍ତ କରୁଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ତେବେ ଜୁଲାଇ ପ୍ରଥମ ସପ୍ତାହ ଆଡ଼କୁ ପାଟକୁରାରେ ନିର୍ବାଚନ ହେବାକୁ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାରେ ସାହାଯ୍ୟ କରିବ ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ତାଙ୍କର ୨୦ ବର୍ଷ ଶାସନ କାଳରେ ଥରେ ହେଲେ ବଳଦେବଜୀଉ ମନ୍ଦିରକୁ ଆସି ନ ଥିଲେ। କିନ୍ତୁ ୨୦୧୯ ସାଧାରଣ ନିର୍ବାଚନ ବେଳେ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀଜୀଉଙ୍କ ଦର୍ଶନ କରିଥିବା ବେଳେ ଦ୍ୱିତୀୟ ଥର ଲାଗି ସୋମବାର ଆସିବେ।

## ଚିକିତ୍ସା ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ ଘଟଣା କାର୍ଯ୍ୟାନୁଷ୍ଠାନ ଦାବିରେ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

**ଭୁବନେଶ୍ୱର,୧୬।୬(ବ୍ୟୁରୋ)**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଭର୍ତ୍ତି ହୋଇଥିବା ଜଣେ ଗର୍ଭବତୀ ମହିଳାଙ୍କ ଚିକିତ୍ସା ଅବହେଳାରୁ ଗୁରୁବାର ମୃତ୍ୟୁ ଘଟିଥିଲା। ଡାକ୍ତରଙ୍କ ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ ଆଣିଥିଲେ। ଏହି ଘଟଣାକୁ ନେଇ ରବିବାର ଅନ୍‌ଲାଇନ୍ ମାଧ୍ୟମରେ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ରେ ଅଭିଯୋଗ କରିଛନ୍ତି। କମିଶନ କାର୍ଯ୍ୟାଳୟ ପକ୍ଷରୁ ଏହି ଅଭିଯୋଗକୁ ଗ୍ରହଣ କରାଯାଇ କେସ୍ ନଂ-୬୮୯୦/ଆଇଏନ୍/୨୦୧୯ରେ ରୁଜୁ କରାଯାଇଛି। ରାଜ୍ୟ ମୁଖ୍ୟ ଶାସନ ସଚିବ ମୃତ ମହିଳାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ସ୍ୱାସ୍ଥ୍ୟ ସଚିବ ଏହି ଘଟଣାର ତଦନ୍ତ କରି ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଭିଯୋଗକାରୀ ନିବେଦନ କରିଛନ୍ତି।

## ୩ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ଘଟଣା ନ୍ୟାୟ ପାଇଁ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

**ଭୁବନେଶ୍ୱର,୧୬।୬(ବ୍ୟୁରୋ)**

ବରଗଡ ଜିଲା ପଦ୍ମପୁର ଥାନା ଅଞ୍ଚଳରେ ଜଣେ ୩ବର୍ଷର ଶିଶୁକନ୍ୟା ଗତ ୧୪ତାରିଖରେ ବଳାତ୍କାରର ଶିକାର ହୋଇଥିଲା। ଏହି ଘଟଣାରେ ପୋଲିସ ଜଣେ ନାବାଳକଙ୍କୁ ଧରି ବାଳସୁଧାର ଗୃହକୁ ପଠାଇଛି। ଏ ନେଇ ପୋଲିସ କେସ୍ ନଂ-୧୧୬/୧୯ ଦଫା ୩୭୬, ୬ପୋକ୍‌ସ ଆକ୍ଟ ଲଗାଇ ନାବାଳକଙ୍କୁ ଅଟକ ରଖିଥିଲା। ତେବେ ଏହି ମାମଲାକୁ ନେଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ରବିବାର ଅନଲାଇନ ଯୋଗେ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ କରିଛନ୍ତି। ଯାହାକୁ ମାନବାଧିକାର କମିଶନରଙ୍କ କାର୍ଯ୍ୟାଳୟ ଗୁରୁତର ସହ ନେଇଛନ୍ତି। ଅଭିଯୋଗକାରୀ ମାନବାଧିକାର କର୍ମୀ ପିଟିଶନ୍‌ରେ ଉଲ୍ଲେଖ କରିଛନ୍ତି ଯେ, ନିୟମ ଅନୁଯାୟୀ ପୀଡ଼ିତାଙ୍କୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ତୁରନ୍ତ ଦେବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା ସହ ଅଭିଯୁକ୍ତ ନାବାଳକଙ୍କ ବିରୋଧରେ ୪ ସପ୍ତାହ ମଧ୍ୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବରଗଡ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେବାକୁ କମିଶନରଙ୍କୁ ନିବେଦନ କରିଛନ୍ତି। ନାବାଳିକା ଜଣଙ୍କ ନିଜ ଘର ନିକଟ ପଡୋଶୀ ଘରକୁ ବିଭିନ୍ନ ସମୟରେ ଟିଭି ଦେଖିବାକୁ ଯାଆନ୍ତି। ଗତ ଶନିବାର ସନ୍ଧ୍ୟାରେ ନାବାଳିକା ଜଣଙ୍କ ଟିଭି ଦେଖିବାକୁ ପଡୋଶୀଙ୍କ ଘରକୁ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ତାଙ୍କୁ ଚକୋଲେଟ ଆଳ ଦେଖାଇ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଏ ନେଇ ନାବାଳିକା ଘରକୁ ଆସି ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

ପ୍ରଥମ ପୃଷ୍ଠାରୁ...

## 'ବାୟୁ' ପାଇଁ...

ଦକ୍ଷିଣ ଓଡ଼ିଶା ପ୍ରବଳ ଖରାରେ ସିଝୁଛି। ରବିବାର ୪୧.୨ ଡିଗ୍ରୀ ସେଲ୍‌ସିୟସ୍ ସହ ବଲାଙ୍ଗୀର ସର୍ବାଧିକ ଉତ୍ତପ୍ତ ସହର ପାଲଟିଥିବାବେଳେ ମାଲକାନଗିରି, ଟିଟିଲାଗଡ଼, ଝାରସୁଗୁଡା, ସମ୍ବଲପୁର, ତାଳଚେର ସହରର ତାପମାତ୍ରା ୩୯ ଡିଗ୍ରୀ ଉପରେ ରହିଥିଲା। ଭୁବନେଶ୍ୱରରେ ସର୍ବାଧିକ ତାପମାତ୍ରା ୩୦.୮ ଡିଗ୍ରୀ ରହିଥିବାବେଳେ ପୁରୀ ଓ କଟକରେ ପାରଦ ୩୧.୬ ଡିଗ୍ରୀ ସେଲ୍‌ସିୟସ୍‌କୁ ଖସି ଆସିଥିଲା। ଏପରିସ୍ଥିତିରେ କାଳବୈଶାଖୀ ଓ ବଜ୍ରପାତ ଚିନ୍ତା ବଢ଼ାଇଛି। ପୂର୍ବରୁ ୧୩ଜିଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଥିଲା। ସୋମବାର ପାଇଁ ମଧ ୧୬ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ନୂଆପଡ଼ା, ବଲାଙ୍ଗୀର, ସୋନପୁର, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ ଓ ଗଜପତି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ଏହି ସମୟରେ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ସହ ଘଡ଼ଘଡ଼ି ଓ ବର୍ଷା ହେବ। ଏହାସହ ରାଜ୍ୟର କେତେକ ସ୍ଥାନରେ ଅଳ୍ପରୁ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବାର ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେହିଭଳି ଭୁବନେଶ୍ୱରରେ ପାଗ ମେଘୁଆ ରହିବା ସହ ସର୍ବାଧିକ ତାପମାତ୍ରା ୩୩ ଡିଗ୍ରୀ ରହିବ ବୋଲି ସୂଚନା ମିଳିଛି।

## ଆଜି ଦାରୁଦିଅଁଙ୍କ...

ଅପରପକ୍ଷେ ସେନାପଟା ଲାଗି ଯୋଗୁ ସକାଳୁ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିଥିଲା। ଅପରାହ୍ନ ସାଢ଼େ ଗୋଟାଏରୁ ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଦେବସ୍ନାନ ପୂର୍ଣ୍ଣିମା ଲାଗି ଶ୍ରୀମନ୍ଦିର ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ରବିବାର ପୋଲିସ ମହାନିର୍ଦ୍ଦେଶକ ପୁରୀ ଆସି ସୁରକ୍ଷା ବ୍ୟବସ୍ଥାକୁ ଅନୁଧ୍ୟାନ କରିଛନ୍ତି। ଶୃଙ୍ଖଳିତ ଦର୍ଶନ ଲାଗି ସିଂହଦ୍ୱାର ସମ୍ମୁଖରେ ବ୍ୟାରିକେଡ ପ୍ରସ୍ତୁତ କରାଯାଇଛି। ଭକ୍ତମାନେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିବେ। ଦର୍ଶନ ସାରି ଦକ୍ଷିଣ, ଉତ୍ତର ଓ ପଶ୍ଚିମ ଦ୍ୱାର ଦେଇ ବାହାରିବେ। ସ୍ନାନ ପୂର୍ଣ୍ଣିମାରେ ପହଣ୍ଡି ଦର୍ଶନ ଲାଗି ଟିକେଟ ବ୍ୟବସ୍ଥା କରାଯାଇଛି। ଟିକେଟଧାରୀମାନେ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ। ସେହିପରି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ସହିତ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଏବଂ ସନ୍ଦିଗ୍ଧ ସ୍ଥଳଗୁଡ଼ିକୁ ସନ୍ଧାନୀ କୁକୁର, ବୋମା ନିଷ୍କ୍ରିୟକାରୀ ଦଳ ଏବଂ ପୋଲିସ ଦ୍ୱାରା ତନ୍ନତନ୍ନ କରି ଯାଞ୍ଚ ଜାରି ରହିଛି। ସହରର ୩ ପ୍ରବେଶ ପଥରେ ସଶସ୍ତ୍ର ପୋଲିସବାହିନୀ ନିୟୋଜିତ କରାଯାଇଛି।

## ଦେବସ୍ନାନ ପୂର୍ଣ୍ଣିମା ନୀତିନିର୍ଘଣ୍ଟ

ମଙ୍ଗଳାର୍ପଣ: ଭୋର ୪ଟା, ଡୋରଲାଗି ଓ ପୁଷ୍ପାଞ୍ଜଳି ହୋଇ ପହଣ୍ଡି ଆରମ୍ଭ: ପ୍ରାତଃ ୪ଟା ୩୦ରୁ ୬ଟା ୩୦, ମଙ୍ଗଳ ଆଳତି: ୭ଟା, ମଇଲମ : ୭ଟା ୩୦, ତଡ଼ପଲାଗି : ୮ଟା, ଅଧରପୋଛା: ୮ଟା ୩୦, ଅବକାଶ: ୯ଟା, ବେଶ ଶେଷ: ୯ଟା ୩୦, ରୋଷହୋମ: ୯ଟା ୪୦, ସୂର୍ଯ୍ୟପୂଜା : ୧୦ଟା, ଦ୍ୱାରପାଳ ପୂଜା: ୧୦ଟା ୨୦, ଜଳବିଜେ, ପୂଜା ଓ ସ୍ନାନ: ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା, ମଇଲମ ଓ ମେକାପ ସର୍ବାଙ୍ଗ ନୂଆଲାଗି ବେଶ: ଅପରାହ୍ନ ୨ଟା ୩୦, ଛେରାପହଁରା: ୩ଟା ୩୦, ହାତୀବେଶ: ଅପରାହ୍ନ ୪ଟାରୁ ୫ଟା, ମହନ୍ତ ଶାଢ଼ିବନ୍ଧା: ୫ଟା, ଘଣ୍ଟଛତା ସକାଳ ଧୂପ: ୫ଟା ୩୦ରୁ ୭ଟା ୩୦, ସାହାଣ ମେଲା: ସନ୍ଧ୍ୟା ୭ଟା ୩୦ରୁ ୯ଟା ୩୦, ପୁଷ୍ପାଞ୍ଜଳି, ଡୋରଲାଗି: ରାତି ୧୦ଟା, ବାହୁଡା ପହଣ୍ଡି: ୧୦ଟା ୩୦ରୁ ୧ଟା ୩୦, ସୁନାଚିତା ଓ ରାହୁରେଖା ମଇଲମ: ରାତି ୨ଟା

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



କେନ୍ଦ୍ରକୋଣାଧିପଙ୍କ ଅଷ୍ଟମଭାବ ସଂସ୍ଥିତି ବନ୍ଧୁମିଳନ ସାଙ୍ଗକୁ ଆର୍ଥିକ ଅଭିବୃଦ୍ଧି କରାଇବ। ପାରିବାରିକ ସ୍ତରରେ ସାମୟିକ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଭଲରେ ବିତିବ। ଶିକ୍ଷା କ୍ଷେତ୍ରରେ ସୁନାମ, ପିଲାମାନଙ୍କ ସଫଳତା, ନୂତନ ପ୍ରେମ ସମ୍ପର୍କ ସ୍ଥାପନ, ଉନ୍ନତମାନର ଆଲୋଚନା, ପାରିବାରିକ ସଦ୍‌ଭାବ ସବୁ ପାଇବେ।

**ବୃଷ**



ସପ୍ତମାଧିପତି ନିଜଭାବରୁ ଅଷ୍ଟମସ୍ଥ ହୋଇ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ବ୍ୟବସାୟିକ ଦିଗପ୍ରତି ସମସ୍ୟା ସୃଷ୍ଟି କରିବେ। ନୂତନ ଘର ତିଆରି, ଯାନବାହନ ମରାମତି, ସଭା ସମିତିରୁ ଉପକୃତ ହେବେ। ମାତ୍ର କୌଣସି ପାରିବାରିକ ବ୍ୟତିକ୍ରମ କାରଣରୁ ଟେନ୍‌ସନ୍ କିଛି ମାତ୍ରାରେ ଲାଗିରହିବ। କର୍ମକ୍ଷେତ୍ରରେ ଗତକାଲି ଘଟି ଯାଇଥିବା ଘଟଣାର ମୋଡ଼ ବଦଳି ଯାଇପାରେ।

**ମିଥୁନ**



ସ୍ୱଗୃହରେ ବଳବାନ୍ ବୁଧ ବୁଦ୍ଧିବଳ ଖଟାଇ ଅସାଧ୍ୟ ସାଧନ କରିବେ। ବନ୍ଧୁପରିଜନମାନଙ୍କ ସହ ଦୂରଯାତ୍ରା, ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ଲାଭ କରାଇବେ। ଚନ୍ଦ୍ରଙ୍କ ଦୁର୍ବଳତା କାରଣରୁ ମନରେ ଅସ୍ଥିରତା ରହିଲେ ମଧ ଘର, ଜମିଜମା,ପୁରୁଣା ଗାଡ଼ି, ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବା ସକାଶେ ମନ ବଳାଇବେ। ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କର୍କଟ**



ଏକାଦଶ ଭାବକୁ ଶୁଭଗ୍ରହଙ୍କ ଦୃଷ୍ଟି ଆପଣଙ୍କ ଆଶା ପୂରଣରେ ସାହାଯ୍ୟ କରିବ। ଯେ କୌଣସି ପରିସ୍ଥିତି ଆସୁନା କାହିଁକି ଆପଣ କୌଣସି କଥାକୁ ଖାତିର ନ କରି ଆଗକୁ ମାଡ଼ି ଚାଲିବେ। ଟଙ୍କା ପଇସା,ନେବା ଆଣିବା, ଦିଆନିଆ କ୍ଷେତ୍ରରେ ସତର୍କ ରୁହନ୍ତୁ, ନଚେତ୍ ବା କ୍ଷତିରେ ପଡ଼ିବେ। ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ।

**ସିଂହ**



କର୍ମାଧିପ ସ୍ୱଗୃହରେ ଏବଂ ଭାଗ୍ୟାଧିପ ଏକାଦଶରେ ଯୋଗୁ ପରିବାରରେ ବିଭିନ୍ନ ସମସ୍ୟା ଲାଗି ରହିଥିଲେ ମଧ କୌଣସି କାମ ଅଟକିବ ନାହିଁ। ପରିସ୍ଥିତିକୁ ଲକ୍ଷ୍ୟକରି ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ । ଅବଶ୍ୟ କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ବ୍ୟବସାୟ,ବାଣିଜ୍ୟ, ପରିବହନରୁ ଭଲ ଲାଭ ପାଇବେ।

**କନ୍ୟା**



ରାଶି ପ୍ରତି ଶନିଙ୍କ ଦୃଷ୍ଟି ସ୍ୱାସ୍ଥ୍ୟହାନିର କାରଣ ହେବ। ବାରମ୍ବାର ପ୍ରତିବନ୍ଧକର ସାମ୍ନା କରିବା ହେତୁ କାମଗୁଡ଼ିକ ଠିକ୍ ଭାବେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ଆକସ୍ମିକ ଭାବରେ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ରାଜନୀତି, କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ।

**ତୁଳା**



ଅଷ୍ଟମଭାବସ୍ଥ ରାଶ୍ୟାଧିପ ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ଦୈହିକ ସୁସ୍ଥତା ପ୍ରଦାନ କରିବେ। ନିଜ ସଂସ୍ପର୍ଶରେ ଆସୁଥିବା ବନ୍ଧୁମାନଙ୍କ ପରାମର୍ଶ ଗ୍ରହଣ କଲେ ବିଶେଷ ପରିମାଣରେ ଉପକୃତ ହେବେ। ଆଜି କାମଗୁଡ଼ିକ ସୁରୁଖୁରୁରେ ହୋଇଯିବ ମାତ୍ର ପରିବାରରେ ତର୍କ ବିତର୍କ ଲାଗି ରହିବା କାରଣରୁ ଭ୍ରାତୃ ସମ୍ପର୍କ ଭଲ ରହି ନ ପାରେ। ରାଜନୈତିକ ସ୍ତରରେ ପ୍ରଶଂସିତ ହେବେ ।

**ବିଛା**



ଭାଗ୍ୟାଧିପ ରାଶିସ୍ଥ ହେତୁ ବନ୍ଧୁମାନଙ୍କ ମାଧ୍ୟମରେ ସୁଖ, ସୌଭାଗ୍ୟ ପ୍ରଦାନ କରିବେ। ପ୍ରତ୍ୟେକ ସ୍ତରରେ ସୁନ୍ଦର କଥା ମାଧ୍ୟମରେ ବନ୍ଧୁଙ୍କୁ ଆପଣାର କରି ପାରିବେ। କୌଣସି ଘଟଣା ନ ବୁଝି କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ପାଖ ପଡ଼ୋଶୀମାନେ କ୍ରୋଧ ପ୍ରକାଶ କରିପାରନ୍ତି। ଆଜି ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ଧନୁ**



ରାଜଯୋଗ ପ୍ରଭାବରେ ଆଜି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ନିଶ୍ଚିତ ପାଇବେ। କାର୍ଯ୍ୟବ୍ୟସ୍ତତା ହେତୁ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ପରିବାର ମଧ୍ୟରେ ନିଜର ମନୋଭାବକୁ ହଠାତ୍ ପ୍ରକାଶ କରନ୍ତୁ ନାହିଁ, ଯାହାକି ହଠାତ୍ କୌଣସି ସମସ୍ୟା ସୃଷ୍ଟି ହୋଇପାରେ।

**ମକର**



ଶନିଙ୍କ କୁପ୍ରଭାବରୁ ଦୈହିକ ଅସୁସ୍ଥତା ଲାଗି ରହିଲେ ମଧ ଅନ୍ୟମାନଙ୍କର ସାହାଯ୍ୟ ନେଇ କାମ ହାସଲ କରିବେ। କର୍ମକ୍ଷେତ୍ରରେ ଆଲୋଚନା କାଳରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବନ୍ଧୁଙ୍କ ସହ ନୂତନ ସମ୍ପର୍କ ସ୍ଥାପନ ହୋଇପାରେ। ଗୁରୁଜନଙ୍କ ପରାମର୍ଶ କ୍ରମେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟା ସମାଧାନ ଘଟିବ ।

**କୁମ୍ଭ**



ରାଶ୍ୟାଧିପତିଙ୍କ ଦୃଷ୍ଟିରୁ ସ୍ୱାସ୍ଥ୍ୟ ପୂର୍ବପରି ରହିବ ଅବଶ୍ୟ ବିଶେଷ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ଯାହାକୁ ଯାହା କିମ୍ବା ଯେଉଁଠି ଯାହା କହିବେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବ। ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ଲାଗି ରହିବା କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ମିଳିବ।

**ମୀନ**



ଉଚ୍ଚବର୍ଗର ଲୋକମାନଙ୍କ ସାହାଯ୍ୟରେ ପୂର୍ବରୁ ଲାଗି ରହିଥିବା ସମସ୍ୟା ଦୂରେଇବାରେ ସମର୍ଥ ହେବେ। ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଥିଲେ ମଧ ବ୍ୟବସାୟ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ରାଜନୀତି ଓ ସାଂଗଠନିକ ସ୍ତରରେ ଉଚ୍ଚ ପଦାଧିକାରୀଙ୍କ ଚାପର ସମ୍ମୁଖୀନ ହୋଇପାରନ୍ତି। ଆତ୍ମୀୟଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରନ୍ତି।

ଆଜି ଦେବସ୍ନାନ ପୂର୍ଣ୍ଣିମା, ବସୁମତୀ ସ୍ନାନ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସ୍ନାନଯାତ୍ରା ଓ ସ୍ନାନମଣ୍ଡପେ ଗଜାନନ ବେଶ, ପୁରୁଷୋତ୍ତମକ୍ଷେତ୍ରେ ସୂର୍ଯ୍ୟୋଦୟେ ମହାଜ୍ୟେଷ୍ଠୀ ସ୍ନାନଯୋଗ, ଶ୍ରୀଜୀଉଙ୍କର ଅନବସର ଆରମ୍ଭ,କାକଟପୁର ମା, ମଙ୍ଗଳାଙ୍କର ଚନ୍ଦନ ଲାଗି, ନେମାଳଗାଦିରେ ମହୋତ୍ସବ, ବ୍ରହ୍ମଗିରି ଅଲାରନାଥ ଦର୍ଶନ, ଜୁନ୍ ୧୭ ତାରିଖ, ସୋମବାର, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଦିବା ଘ୧୦ ।୩୨ମି. ଗତେ ମୂଳା/ଧନୁ, ଦିବା ଘ୬ ।୨୯ମି. ଗତେ ଘ୮ ।୨୮ମି. ମଧ୍ୟେ, ଘ୩ ।୦୪ମି. ଗତେ ଘ୪ ।୪୩ମି. ମଧ୍ୟେଅମୃତବେଳ।

classifieds Everyday
0674-2580101, 2549302



SALE

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University-250/-, 6371922931 D-66705

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66903

4Stored Building 8000sqft with parking, lift provision @ 340lakhs at Ghatikia GA Plot, Bhubaneswar. Only Genuine buyer contact owner- 8018510988. D-66498



Laxmi Sagar plot-236 Sarala Nagar, Jayaguru Bhawan 2 rooms, kitchen, 1 bathroom, dinning 2floor. 9438505751, 9583164951. D-12988



ଘରେ ବସି ସବୁ ସମସ୍ୟାରୁ ମୁକ୍ତି ପାଆନ୍ତୁ। ପ୍ରେମବିବାହ, ବଶୀକରଣ, ବ୍ୟବସାୟ, ସନ୍ତାନ ସମ୍ବନ୍ଧୀୟ, ଗୁଣିଗାରେଡ଼ି, ସଉତୁଣୀ ଶତ୍ରୁ ମୁକ୍ତି, ଗ୍ୟାରେଣ୍ଟି ସହ ସମାଧାନ। 9888156887. D-12935

AFFIDAVIT

By virtue of an affidavit before Notary Public Berhampur, I Samita Kumari Patra changed my name to N. Samita Choudhury after marriage to N.Sunil Kumar Choudhury. Henceforth I shall be known as N.Samita Choudhury for all purposes. D-66602

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





## ସଂକ୍ଷେପରେ

### ରାସ୍ତା ତଳକୁ ଖସିଲା କାର, ବର୍ତ୍ତିଲେ ଯାତ୍ରୀ

**ସୁନ୍ଦରଗଡ,୧୬।୬ (ଡି.ଏନ.ଏ)-** ସୁନ୍ଦରଗଡ଼ ଦେଇ ଯାଇଥିବା ରାଉରକେଲା ସମ୍ବଲପୁର ବିଜୁ ଏକ୍ସପ୍ରେସ ୱେର ଷଡଙ୍ଗୀ ପେଟ୍ରୋଲ ପମ୍ପ ନିକଟରେ ରବିବାର ଅପରାହ୍ନ ପ୍ରାୟ ୪ଟା ବେଳେ ଏକ କାର ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡିଛି। କାରରେ ଥିବା ୪ଜଣ ଯାତ୍ରୀ ବର୍ତ୍ତିଯାଇଛନ୍ତି। ଝାରସୁଗୁଡା ବିମାନବନ୍ଦରର ଜଣେ କର୍ମଚାରୀ ମନୋଜ କୁମାର ନାୟକ ତାଙ୍କ ସ୍ତ୍ରୀ ଓ ୨ପିଲାଙ୍କ ସହ ରାଞ୍ଚିରୁ ଝାରସୁଗୁଡାକୁ ଫେରୁଥିଲେ। ଏହି ସମୟରେ ଏଠାରେ ଭାରସାମ୍ୟ ହରାଇ କାର ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ପରେ ସେମାନଙ୍କୁ ସେମାନଙ୍କୁ ଉଦ୍ଧାର କରାଯାଇ ଝାରସୁଗୁଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ହିରୋ ଶୋ ରୁମରୁ ଚୋରି

### ଦୁଇ କର୍ମଚାରୀ ସହିତ କ୍ରେତା ଗିରଫ

**ଲହୁଣୀପଡା, ୧୬।୬ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ମୁଖ୍ୟ ବଜାରସ୍ଥିତ ଜୟଅମ୍ବେ ମୋଟର୍ସ ହିରୋ ସୋ ରୁମରୁ ପାର୍ଟସ ଚୋରି କରି ଦୁଇ କର୍ମଚାରୀ ଓ ପାର୍ଟସ କିଣି ଜଣେ ଦୋକାନୀ ଗିରଫ ହୋଇଛନ୍ତି। ସୋ ରୁମରେ କଟୁପଡା ଗ୍ରାମର କୁନା ମାହାନ୍ତ (୩୫) ଏବଂ ଅନୁଗୋଳ ଅଞ୍ଚଳରୁ ଆସି ଟିକାୟତପାଲିରେ ବହୁଦିନ ହେବ ରହି ଆସୁଥିବା ଅନୀଲ ବେହେରା (୨୪) କାମ କରି ଆସୁଥିଲେ। କିନ୍ତୁ ଏଠାରୁ ଏହି ଦୁଇ ଜଣ ଅନେକ ସମୟରେ ପାର୍ଟସ ଚୋରି କରି ନେଉଥିଲେ। କିନ୍ତୁ ଧରାପଡୁ ନ ଥିଲେ। ୩ରୁ ୪ ଦିନ ପୂର୍ବେ ସୋ ରୁମର ମାଲିକ କିଛି ପାର୍ଟସ ମଗାଇଥିଲେ। ଯାହାକି ତାଙ୍କର ଷ୍ଟକ ଖାତାରେ ନ ଥିଲା । ଫଳରେ ମାଲିକ ତନାଘନା କରିବାରୁ ଦୁଇଟି ମିଳି ନ ଥିଲା। ଏତିକିବେଳେ ଟିକାୟତପାଲି ଥାନା ଅନ୍ତର୍ଗତ ବାସୁଡିହି ଠାରେ ଏକ ବାଇକ ପାର୍ଟସ ଦୋକାନରେ ଅନୀଲ ବେହେରା ଛିଡା ହୋଇଛି ବୋଲି ମାଲିକ ପାଖକୁ ଫୋନ ଆସିଥିଲା। ଫଳରେ ଘଟଣା ସନ୍ଦେହ ଭିତରକୁ ଯାଇଥିଲା। ମାଲିକ ଏନେଇ ଲହୁଣୀପଡା ଥାନାରେ ଅଭିଯୋଗ କରିବାରୁ ପୋଲିସ ଘଟଣାର ତଦନ୍ତ କରିଥିଲେ। ବାସୁଡିହିରେ ଥିବା ପାର୍ଟସ ଦୋକାନ ଉପରେ ଚଢ଼ାଉ କରି ଅନେକ ପାର୍ଟସ ଜବତ କରିବା ସହିତ ଦୋକାନୀ ମାଲିକ ଭୀମସେନ ମୁଣ୍ଡାକୁ ଥାନାକୁ ଆଣି ପଚରାଉଚରା କରିବାରୁ ଘଟଣା ପଦାକୁ ଆସିଥିଲା। କୁନା ମାହାନ୍ତ, ଅନୀଲ ବେହେରା ମିଶି ଅନେକ ଥର ପାର୍ଟସ ନେଇ ଦୋକାନରେ ବିକ୍ରି କରିଥିବା ଭୀମ ସ୍ୱୀକାର କରିଥିଲେ। ଏ ନେଇ ଲହୁଣୀପଡା ପୋଲିସ ଚୋରି ଅଭିଯୋଗରେ ଅନୀଲ ବେହେରା ଓ କୁନା ମାହାନ୍ତ ଓ ଚୋରୀ ସାମଗ୍ରୀ କିଣିଥିବା ଅଭିଯୋଗରେ ଭୀମ ମୁଣ୍ଡାଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି।

ସ୍ୱତନ୍ତ୍ର କୋଶଳ ପ୍ରଦେଶ ଦାବିରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ଲକ୍ଷ୍ୟ

# ଦେବଗଡ଼ରୁ ଦିଲ୍ଲୀ, ଭାୟା ସମ୍ବଲପୁର

**ରାଉରକେଲା ଅଫିସ,୧୬।୬**

ଦୀର୍ଘ ୪୦ ବର୍ଷ ଧରି ସ୍ୱତନ୍ତ୍ର କୋଶଳ ପ୍ରଦେଶ ପାଇଁ ଦାବି ହେଉଛି। ଏ ନେଇ କେତେ ମଞ୍ଚ, ପାର୍ଟି ଗଠନ କରାଯାଇ ସରକାରଙ୍କ ଉପରେ ଚାପ ଦିଆଯାଇଛି। ଦୀର୍ଘ ବର୍ଷର ଏହି ଦାବିକୁ ନେଇ ଅତୀତରେ ଅନେକ ଆନ୍ଦୋଳନ ବି କରାଯାଇଛି। ତଥାପି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିରବ। ଏହାକୁ ନେଇ ଦେବଗଡ ଜିଲାର ଅକ୍ଷରଶିଳା ଗାଁର ପୁରୁଷୋତ୍ତମ ପାତ୍ର(୫୪) ନାମକ ଜଣେ ଶିକ୍ଷିତ ଚାଷୀ ପ୍ରଧାନମନ୍ତ୍ରୀଙ୍କ ଉପରେ ଚାପ ପକାଇବାକୁ ସାଇକେଲ ଯୋଗେ ଦିଲୀ ବାହାରିଛନ୍ତି ।

ଗତ ୧୪ ତାରିଖ ମଧ୍ୟାହ୍ନରେ ସମ୍ବଲପୁରର ସମଲେଶ୍ୱରୀଙ୍କ ମନ୍ଦିରରୁ ପୂଜାପାଠ ପରେ ସେ ଦିଲୀ ବାହାରିଛନ୍ତି । ୩ ଦିନ ପରେ ରବିବାର ରାଉରକେଲା ବେଦବ୍ୟାସ ଗୁରୁକୂଳ ଆଶ୍ରମ ଅତିଥିଶାଳାରେ ପହଞ୍ଚି ଥିଲେ। ତାଙ୍କ ଦିଲୀ ଯାତ୍ରା ନେଇ ପଚରାଯିବାରୁ ସେ କହିଥିଲେ ଯେ ତାଙ୍କୁ ସମୁଦାୟ ୧୬ଶହ କି.ମି. ରାସ୍ତା ଅତିକ୍ରମ କରିବାକୁ ପଡିବ। ଦିନକୁ ୫୦କିମି ରାସ୍ତା ଅତିକ୍ରମ କରିବାକୁ ଲକ୍ଷ୍ୟ ରହିଛି। ୩୦ରୁ ୩୫ ଦିନ ମଧ୍ୟରେ ଦିଲୀରେ ପହଞ୍ଚି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଦାବି ଜଣାଇବେ। ତାଙ୍କର ଦୃଢ ବିଶ୍ୱାସ ରହିଛି ଯେ ପ୍ରଧାନମନ୍ତ୍ରୀ ତାଙ୍କ ଦାବିକୁ ଗୁରୁତ୍ୱ ଦେବେ। କୋଶଳ



ଦେବଗଡ଼ରୁ ଦିଲ୍ଲୀ ବାହାରିଥିବା ପୁରୁଷୋତ୍ତମ ପାତ୍ର ରବିବାର ରାଉରକେଲାରେ ପହଞ୍ଚିଛନ୍ତି।

ରାଜ୍ୟର ଆବଶ୍ୟକତା ନେଇ ପାତ୍ରଙ୍କୁ ପ୍ରଶ୍ନ କରାଯିବାରୁ ସେ କହିଥିଲେ ଯେ, କ୍ଷମତା କେନ୍ଦ୍ରୀକରଣ ହୋଇ ରହିଲେ ରାଜ୍ୟର ସାମଗ୍ରିକ ବିକାଶ ସମ୍ଭବ ହେବନି। ସ୍ୱାଧୀନତାର ୭୦ବର୍ଷ ପରେ ବି ପଶ୍ଚିମ ଓଡିଶାବାସୀଙ୍କ ଆଶାନୁରୂପ ଉନ୍ନତି ସାଧିତ ହୋଇ ପାରିନି। ରାଜ୍ୟର ଅନ୍ୟ ପ୍ରାନ୍ତ ପରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କଳ କାରଖାନା ଏଠାରେ ନାହିଁ କହିଲେ ଚଳେ। ତେବେ ଏ ନେଇ ନିର୍ବାଚିତ ଲୋକ ପ୍ରତିନିଧି କାହିଁକି ସ୍ୱର ଉତ୍ତୋଳନ କରୁ ନାହାଁନ୍ତି ବୋଲି ପଚାରିଯିବାରୁ ସେ କହିଥିଲେ ଯେ, ସ୍ୱାର୍ଥ ହିଁ ଏଥିରେ ବଡ ବାଧକ ପାଲଟିଛି। କିଏ ଟିକେଟ ହରାଇବା ଭୟରେ ପାଟି ଖୋଲୁନି ତ ଆଉ କେହି କ୍ଷମତା ଚାଲିଯିବା ଭୟରେ। ହେଲେ ସମସ୍ତଙ୍କ ମନରେ ରହିଛି ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବି। କିନ୍ତୁ ଆଗକୁ କେହି ନେତା ଆସୁ ନାହାନ୍ତି। ଆପଣ ଏକୁଟିଆ ଚାହିଁଲେ କଣ ରାଜ୍ୟ ଗଠନ ଦାବି ସମ୍ଭବ ହେବ କି ବୋଲି ପ୍ରଶ୍ନ କରାଯିବାରୁ ସେ କହିଥିଲେ ଯେ, ସେ କେବଳ ଉଦ୍ୟମ ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ସିଧାସଳଖ ଦାବି ଉପସ୍ଥାପନ ହେବା ଆବଶ୍ୟକ। ସାଇକେଲ ଯାତ୍ରା ନେଇ କିଏ ସହଯୋଗ କରୁଛନ୍ତି ବୋଲି ପଚାରିଯିବାରୁ ସେ କହିଥିଲେ ଯେ, କୌଣସି ରାଜନୈତିକ ଦଳର ସମର୍ଥନ କିମ୍ବା ପୃଷ୍ଠପୋଷକତାରେ ସେ ଦିଲୀ ଯାଉ ନାହାନ୍ତି। ସଂଗ୍ରହ କରିଥିବା ନିଜସ୍ୱ ଟଙ୍କା ଏବଂ ଆଗ୍ରହ ବଳରେ ଦିଲୀ ଯାତ୍ରା ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ଦେଖା ନ ଦେଲେ କିମ୍ବା ଦାବି ନ ଶୁଣିଲେ କ'ଣ କରିବେ ବୋଲି ପ୍ରଶ୍ନ କରାଯିବାରୁ ସେ କହିଥିଲେ ଯେ, ଏ ଯାଏ ସେ ପହଞ୍ଚି ନାହାନ୍ତି। ଏଣୁ ଏବେଠୁ କାହିଁକି ନକାରାତ୍ମକ ଚିନ୍ତା ମନକୁ ଆଣିବେ। ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପରେ ଯାଇ ଜଣା ପଡିବ ଆଗକୁ ପରିସ୍ଥିତି କ'ଣ ହେବ। ସ୍ୱତନ୍ତ୍ର ରାଜ୍ୟ ପାଇଁ ଆନ୍ଦୋଳନ କରିଥିବା ତଥାକଥିତ ରାଜନୈତିକ ଦଳ କାହିଁକି ସମର୍ଥନ ଜଣାଇ ନାହାନ୍ତି ବୋଲି ପଚରାଯିବାରୁ ସେ କହିଥିଲେ ଯେ, କାହାର ସହଯୋଗ କିମ୍ବା ସମର୍ଥନ ଲୋଡନ୍ତି ନାହିଁ। ହେଲେ ଆତ୍ମ ବିଶ୍ୱାସ ରହିଛି ଯାତ୍ରା ସଫଳ ହେବ। ଏଠାରେ ସୂଚନାଯୋଗ୍ୟ ଯେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଓ ଆଇଜିଏଚକୁ ସୁପର ସ୍ପେଶିଆଲିଟି ଦାବି ନେଇ ବର୍ଷକ ପୂର୍ବେ ରାଉରକେଲାରୁ ଦିଲୀକୁ ପଦଯାତ୍ରାରେ ଯାଇଥିଲେ ମୁକ୍ତିକାନ୍ତ ବିଶ୍ୱାଳ। ହେଲେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ନ ପାରି ଶେଷରେ ନିରାଶରେ ଫେରିଥିଲେ। ଏବେ ସାଇକେଲରେ କୋଶଳ ଦାବି ନେଇ ଦିଲୀ ବାହାରିଥିବା ପାତ୍ର ପ୍ରଧାନମନ୍ତ୍ରୀଙ୍କୁ ଭେଟି ପାରୁଛନ୍ତି ନା ନିରାଶ ହୋଇ ଫେରୁଛନ୍ତି ସେ ନେଇ ପଶ୍ଚିମ ଓଡିଶାବାସୀଙ୍କ ଅପେକ୍ଷା ରହିବ ନିଶ୍ଚୟ।

## ବାଲି ଚୋରା ଚାଲାଣ, ୨ ଟ୍ରାକ୍ଟର ଜବତ

**କୋଲାବିରା,୧୬।୬ (ଡି.ଏନ୍.ଏ.)**

ପରମାଣପୁର ଘାଟରୁ ବାଲି ଚୋରାଚାଲାଣ ହେଉଥିବା ବେଳେ ରବିବାର ସମାସିଂହା ଆର୍ଆଇ ଜଗଦୀଶ ସାହୁ ଚଢ଼ାଉ କରି ୨ଟି ଟ୍ରାକ୍ଟର ଜବତ କରିଛନ୍ତି। ବାଲି ବୋଝେଇ ଏହି ଟ୍ରାକ୍ଟର ଦୁଇଟିକୁ ପୋଲିସ ଜିମା ଦିଆଯାଇଛି। କୋଲାବିରା ତହସିଲ ପତ୍ରାପାଲି ରାଜସ୍ୱ ସର୍କଲ ଅନ୍ତର୍ଗତ ପରମାଣପୁର ନିକଟ ପୁଢ଼ାମାଲ ଭେଡେନ ନଦୀ ମୁହାଣରୁ ଶହ ଶହ ଟ୍ରିପ୍ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏହା ଦ୍ୱାରା ସରକାରଙ୍କ ବିପୁଳ ରାଜସ୍ୱ ହାନି ସାଙ୍ଗକୁ ନିୟମିତ ବାଲି ବୋଝେଇ ଗାଡ଼ି ଯାତାୟାତ ଫଳରେ ସ୍ଥାନୀୟ ଲୋରେ ପ୍ରଦୂଷଣର ଶିକାର ହେଉଛନତି। କୋଲାବିରା ତହସିଲ ଅନ୍ତର୍ଗତ କୋଲାବିରା ଏବଂ ରଘୁନାଥପାଲି ବାଲିଘାଟକୁ ନିଲାମ କରାଯାଇ ବାଲି ଉତ୍ତୋଳନ ହେଉଥିବା ବେଳେ ପରମାଣପୁର, ପୁଢ଼ାମାଲ, ଚନ୍ଦନିମାଲ, ଜିଆଁଯୋର ଆଦି ସ୍ଥାନରୁ ବେଆଇନ ଭାବେ ବାଲି ଚାଲାଣ ହେଉଛି। ରାଜସ୍ୱ ବିଭାଗ ବେଳେବେଳେ ଚଢ଼ାଉ କରି ବାଲି ଚାଲାଣରେ ସମ୍ପୃକ୍ତ ଗାଡ଼ି ଜବତ କରୁଛି। ତେବେ ଗାଡ଼ି ମାଲିକମାନେ ଜରିମାନା ଦେଇ ଖସିଯାଉଛନ୍ତି। ପରେ ପୁଣି ସେହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ରହୁଛନ୍ତି। ଏ ଦିଗରେ ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ତିନିଦିନିଆ ରଜ ମହୋତ୍ସବ ଉଦ୍‌ଯାପିତ

**ରାଉରକେଲା ଅଫିସ,୧୬।୬**

ଶକ୍ତିନଗରଠାରେ ଥିବା ଶକ୍ତି କ୍ଲବ ପକ୍ଷରୁ ୩ ଦିନିଆ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ସୋସିଆଲ ହୋମ୍ ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପହିଲି ରଜକୁ ସାମାଜିକ କର୍ମୀ କିରଣବାଳା ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ବାଳିକାଙ୍କୁ ନେଇ ପୁଚି, ମେହେନ୍ଦି, ହୁଳହୁଳି, ଶଂଖ, ପୋଡ ପିଠା, ପାନ ଭଙ୍ଗା ଓ ନୃତ୍ୟା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଝିଅ, ବୋହୂମାନେ ଉତ୍ସାହର ସହ ଭାଗ ନେଇଥିଲେ। ସ୍ୱର ବ୍ରହ୍ମ ଗ୍ରୁପ ପକ୍ଷରୁ ସଂଗୀତ ପରିବେଷଣ କରାଯାଇଥିଲା। ଉତ୍ସବରେ ଦ୍ୱିତୀୟ ଦିନରେ ଓଡିଆଣୀ ଝିଅ, ବୋହୂ ପ୍ରତିଯୋଗିତା ଦେଖିବାକୁ ପ୍ରବଳ ସମାଗମ ପରିଲକ୍ଷିତ ହୋଇଥିଲା। ଏଥିରେ ଇଏସଆଇ ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅର୍ଚ୍ଚନା ବାରିକ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ମୁଦାଲିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ପ୍ରତିଯୋଗିତାରେ ବିଜୟୀ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା। କାର୍ଯ୍ୟକ୍ରମରେ ଶକ୍ତି କ୍ଲବ ସଭାପତି କୈଳାସ ପ୍ରଧାନ, ସୁଶ୍ରୀ ମୋନାଲିସା, ମିନାକ୍ଷୀ ଧର, ସରସ୍ୱତୀ ପରିଡା, କବିତା ମିଶ୍ର, ଅକ୍ଷୟ ପାତ୍ର, ବିପ୍ରଚରଣ ବିଶ୍ୱାଳ ଓ ମିହିର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଜନନେତା ପ୍ରସନ୍ନ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

## ଜନନେତା ପ୍ରସନ୍ନ ପଣ୍ଡାଙ୍କ ୯୭ତମ ଜୟନ୍ତୀ ପାଳିତ

**ଲଖନପୁର,୧୬।୬ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କୁଶ୍ରାଲୋଇ ପଞ୍ଚାୟତ ଅଡ଼ାପଡ଼ା ଗ୍ରାମ ପ୍ରସନ୍ନ ଭବନରେ ରବିବାର ଜନନେତା ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ପ୍ରସନ୍ନ ପଣ୍ଡାଙ୍କ ୯୭ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ କମ୍ୟୁନିଷ୍ଟ ନେତା ବାସୁଦେବ ଭୋଇଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରମେଶ ତ୍ରିପାଠୀ, ପୁରନ୍ଦର ପାଟ୍ଟଯୋଶୀ, ଜୟାନନ୍ଦ ପଶାୟତ, ଚିତ୍ରସେନ ଭୋଇ, ଲୋକନାଥ ପ୍ରଧାନ, ଶଶିଭୂଷଣ ପାତ୍ର, ଗଙ୍ଗାଧର ପ୍ରଧାନ, କଳନ୍ତର ନାୟକ, କାଳିଆ ସାହୁ, ଅମିତ ସେନାପତି, ଯଶୋବନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ପିଲାମାନଙ୍କୁ ଖେଚୁଡ଼ି ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

### ଭାରତ ପାକିସ୍ତାନ କ୍ରିକେଟ ନେଇ ଉତ୍ସାହ

**ରାଉରକେଲା ଅଫିସ,୧୬।୬**

ଷ୍ଟିଲ ସିଟିରେ ରବିବାର ଭାରତ ପାକିସ୍ତାନ ଖେଳ ଦେଖିବାକୁ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବିଭିନ୍ନ ସ୍ଥାନରେ ଖେଳ ଦେଖିବାକୁ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଆଗ୍ରହ ଦେଖା ଦେଇଥିଲା। କ୍ରିକେଟ ପ୍ରେମୀ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରି ଭାରତ କିପରି ବିଜୟ ଲାଭ କରିବ ପ୍ରାର୍ଥନା କରିଥିଲେ। ଦଳରେ ଭଲ ବୋଲର ଓ ବ୍ୟାଟ୍ସମ୍ୟାନ ଥିବାରୁ ନିଶ୍ଚିତ ଭାରତ ଜିଣିବ ବୋଲି ଅନେକ ଆଶାବାଦୀ। ଇସ୍ପାତ ସେଣ୍ଟ୍ରାଲ ମାର୍କେଟ ବ୍ୟବସାୟୀଙ୍କ ପକ୍ଷରୁ ଖେଳ ଦେଖିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।

### ପ୍ରତିଶ୍ରୁତି ପକ୍ଷରୁ ବୈଠକ

**ରାଉରକେଲା ଅଫିସ,୧୬।୬**

ପ୍ରତିଶ୍ରୁତି ପକ୍ଷରୁ ରବିବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଇଂ. ଗୋପିନାଥ ପଟ୍ଟନାୟକ. ଜଗନ୍ନାଥ ରାଉତ, ଜ୍ୟୋତିର୍ମୟ ଆଚାର୍ଯ୍ୟ, ପ୍ରଶାନ୍ତ ଦାସ, ବନବାସ ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ, ସନ୍ତୋଷ ରଥ, ସ୍ମିତା ମିଶ୍ର, ସରୋଜ ପଣ୍ଡା, ଲମ୍ବୋଦର ମହନ୍ତ ଓ କୁଞ୍ଜବିହାରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।





ମଞ୍ଚରେ ମନ୍ତ୍ରୀ ନବକିଶୋର ଦାସଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଉଛି।

## ଲଇକେରାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ଲଇକେରା,୧୬।୬ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଇକେରା ଅପେରା ପଡ଼ିଆଠାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସଙ୍କୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। ମନ୍ତ୍ରୀ ଦାସ ଦିନ ସାଢ଼େ ୧୨ଟାରେ ଏଠାରେ ପହଞ୍ଚିବା ପରେ ପ୍ରଥମେ ଗ୍ରାମର ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ବ୍ଲକ ଅଞ୍ଚଳର ଶତାଧିକ କର୍ମୀ ତାଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ନେଇଥିଲେ। ପୂର୍ବତନ ଝାରସୁଗୁଡା ଜିଲା ପରିଷଦ ଉପାଧ୍ୟକ୍ଷ ଭୂପାଳ ଚନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ। ଲଇକେରା, ସାରଙ୍ଗଲୋଇ, ଭାତଲଇଡ଼ା, ନିକ୍ତିମାଲ, କୁଲେମୁରା, ଖୁଣ୍ଟାମାଲ, ସାହସପୁର, ପାକେଲପଡ଼ା, ଜାମମାଲ, ବାବୁଛିପିଡିହି ଓ ତିଲେଇମାଲ ଗ୍ରାମ ପଞ୍ଚାୟତ ପକ୍ଷରୁ କର୍ମୀ ଓ ଜନସାଧାରଣ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ କୁମାର ପଟେଲଙ୍କ ସମେତ ବିଭିନ୍ନ ସମାଜ, ସଂଘ ତଥା ବ୍ୟକ୍ତିବିଶେଷ ମଧ୍ୟ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଯୋଗୀନ୍ଦ୍ର କୁମାର ନାଏକ, ପୂର୍ବତନ ସରପଞ୍ଚ ଟଙ୍କଧର ନାଏକ, ରତ୍ନ ସାଗର ନାଏକ, ସଦାନନ୍ଦ ଭୋଇ, ଗୋବର୍ଦ୍ଧନ ଜୟପୁରିଆ, ଜିଲା ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ପଟେଲ, ସଭ୍ୟ ବ୍ରଜକିଶୋର ସୁନାନୀ, ବ୍ଲକ ଅଧ୍ୟକ୍ଷା ରୋଜାଲିନ ପଟେଲ, ବ୍ଲକ ବିଜେଡି ସଭାନେତ୍ରୀ ସୁକାନ୍ତି ଜୟପୁରିଆ, ସମ୍ପାଦକ ଲଙ୍କେଶ୍ୱର ଭୀମ, ସଞ୍ଜୀବ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସ୍ୱାସ୍ଥ୍ୟସେବାର ଉନ୍ନତି ଦିଗରେ ଅନେକ ଗଠନମୂଳକ ପଦକ୍ଷେପ ନିଆଯିବ ବୋଲି ଏହି ଅବସରରେ ମନ୍ତ୍ରୀ ଦାସ କହିଥିଲେ।

## ପୂର୍ବତନ ବିଧାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ସହରବାସୀ

**ରାଉରକେଲା ଅଫିସ,୧୬।୬**

ପୂର୍ବତନ ବିଧାୟକ ତଥା ବିଶିଷ୍ଟ ଶ୍ରମିକ ନେତା ସ୍ୱର୍ଗତ ବ୍ରଜକିଶୋର ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ସହରବାସୀ। ଏ ନେଇ ବାସନ୍ତୀ କଲୋନୀଠାରେ ଆୟୋଜିତ ତାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ସଭାରେ ଶୈଳେନ୍ଦ୍ର ମହାନ୍ତି ସଂଯୋଜନା କରିଥିଲେ। ନାରାୟଣ ଦାସ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି ତଥା ନାଗରିକ ସ୍ୱର୍ଗତ ମହାନ୍ତିଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ବ୍ରଜ ବାବୁଙ୍କ ଭଳି ଜଣେ ନିଷ୍ଠାପର ଜନସେବୀଙ୍କୁ କେବେ ସହରବାସୀ ଭୁଲି ପାରିବେନି ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ସାଧାରଣ ଜନତା ତଥା ଶ୍ରମିକଙ୍କ ପାଇଁ ସେ ନିସ୍ୱାର୍ଥପର ଭାବେ କାର୍ଯ୍ୟ କରିଯାଇଛନ୍ତି ବୋଲି ଉପସ୍ଥିତ ବକ୍ତା କହିଥିଲେ।

ଏହି ଅବସରରେ ବ୍ରଜ କିଶୋର ସ୍ମୃତି କମିଟି ଗଠନ କରାଯାଇଥିଲା। ଏହାର ପ୍ରଥମ ସଭାପତି ରୂପେ ନାରାୟଣ ଦାସଙ୍କୁ ମନୋନୀତ କରାଯାଇ ଥିଲା। ଏଥିରେ ପ୍ରଧାପକ



ପୂର୍ବତନ ବିଧାୟକ ବ୍ରଜକିଶୋର ମହାନ୍ତିଙ୍କୁ ଅତିଥିମାନେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

ଡଃ ପ୍ରଭାତ ମଲ୍ଲିକ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ନଗରପାଳ ନିହାର ରାୟ, ସଂଗ୍ରାମୀ ନେତା ପିପି ରାୟ, ଆଇନଜୀବୀ ସୁଦାମ ଦାସ, ବରିଷ୍ଠ ନେତା ହରି ରାଉତରାୟ, ଓକିଲ ସଂଘ ସଭାପତି ରମେଶ ବଳ, ଆକୁଳାନନ୍ଦ ନାୟକ, ଶଶଧର ନନ୍ଦ, ପି.ଏନ. ରାୟ, ହିମାଂଶୁ ମହାପାତ୍ର, କିଶୋରୀ ଦାସ, ଶ୍ରଦ୍ଧା ଷଡଙ୍ଗୀ, କେ.ସି. ନାଥ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ବ୍ରଜ ବାବୁଙ୍କ କର୍ମମୟ ଜୀବନ ଓ ସେବା ମନୋଭାବ ଉପରେ ଆଲୋକପାତ କରିଥିଲେ। ଭାଜପା ନେତା ଭଗବାନ ରାଉତ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ନାୟକ, ପୂର୍ବତନ ନଗରପାଳ ରଶ୍ମିବାଳା ମିଶ୍ର, ଶ୍ରୀଚରଣ ମହାନ୍ତି, ସମରେନ୍ଦ୍ର ମହାନ୍ତି, ରଘୁ ବଳ, ଅଶେଷ ମହାନ୍ତି ଓ ଶେଷଦେବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ରେଙ୍ଗାଲି କୁର୍ମିବନ୍ଧ ପଙ୍କୋଦ୍ଧାରରେ ଅନିୟମିତତା

# ପ୍ରତିଶ୍ରୁତି ରଖିପାରିଲେନି ବିଡିଓ

**ଲଇକେରା,୧୬।୬ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ସାରଙ୍ଗଲୋଇ ପଞ୍ଚାୟତ ରେଙ୍ଗାଲି ଗ୍ରାମର କୁର୍ମିବନ୍ଧ ପଙ୍କୋଦ୍ଧାର କାର୍ଯ୍ୟରେ ଅନିୟମିତତା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି କାମ ପାଇଁ ଗତ ଆର୍ଥିକବର୍ଷରେ ପଞ୍ଚାୟତ ସମିତି ପକ୍ଷରୁ ୪ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ଗ୍ରାମର ବୁଲୁ ସାହୁ ଜେସିବି ଲଗାଇ ନାମକୁମାତ୍ର କାମ କରି ଟଙ୍କା ଆତ୍ମସାତ କରିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଆସନ୍ତାବର୍ଷ ପୁନର୍ବାର ପଙ୍କ ଉଦ୍ଧାର କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏ ବର୍ଷ ଜୁନ ମାସ ଅଧା ସରିଯାଇଥିଲେ ମଧ୍ୟ କାମ ଆରମ୍ଭ ହୋଇନାହିଁ। ଏ ସମ୍ପର୍କରେ ଗତ ୪ ତାରିଖରେ ଗ୍ରାମବାସୀ ପୁନର୍ବାର ସରପଞ୍ଚଙ୍କ ଜରିଆରେ ବିଡିଓଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। କୁର୍ମିବନ୍ଧ ଉପରେ ରେଙ୍ଗାଲି, ଚାବିପଡ଼ା, ପତ୍ରାପାଲି ଆଦି ଗ୍ରାମର



କୁର୍ମିବନ୍ଧ ନିକଟରେ ଗ୍ରାମବାସୀ।

ଶତାଧିକ ଲୋକ ଗାଧୁଆ ପାଇଁ ନିର୍ଭର କରନ୍ତି। ହେଲେ କାମ ହେଉ ନ ଥିବାରୁ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମର ଦଳଗଞ୍ଜନ ପ୍ରଧାନ, ହରେଶ ଶବର, ସମୀର ସା, ଲିଙ୍ଗରାଜ ପ୍ରଧାନ, ଶିବଲାଲ ସା, ରଞ୍ଜିତ ସା, ଲୁକେଶ୍ୱର ମାଝି, ଚାର୍ବିପଡ଼ାର, ବୁଧୁ କୁଅଁର, କ୍ଷେତ୍ରମୋହନ ମାଝି, ଅନାଦୀ ନାଏକ, ଲମ୍ବୋଦର କୁଅଁର କହିଛନ୍ତି। ଏ ସମ୍ପର୍କରେ ମତାମତ ପାଇଁ ବିଡିଓ ପ୍ରସନ୍ନ କୁମାର ପାଣ୍ଡେଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଗାଡ଼ି ଚଳାଉଥିବାରୁ କଥା ହୋଇପାରିବେ ନାହିଁ ବୋଲି କହିଥିଲେ।



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିକୁ ବିପଦରୂପକ ଶସ୍ୟ କାଟିବାକୁ ପଡ଼ିଥାଏ।

- ଯୀଶୁଖ୍ରୀଷ୍ଟ

## ସଂକ୍ଷେପରେ

### କାଳବୈଶାଖୀ ଯୋଗୁ ବିଦ୍ୟୁତ୍ ସରବରାହ ବ୍ୟାହତ

ପାଇକମାଳ, ୧୬।୬ (ଡି.ଏନ.ଏ)

ପାଇକମାଳ ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଝଡବର୍ଷା ହେବାରୁ ବିଦ୍ୟୁତ ସରବରାହ ବ୍ୟାହତ ହୋଇଛି । ପ୍ରବଳ ବେଗରେ ପବନ ହେବାରୁ ନୃସିଂହନାଥ, ମାଣ୍ଡୋସିଲ, ଛିଟିକି, ରସମୁଣ୍ଡା, ଜାମସେଠରେ ଗଛ ଭାଙ୍ଗିପଡିଛି । ଅନେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଛି। ଜର୍ଜଗଡ, ଲଉଡମାଳ, ବରପାଲି, ବାଦିମାଳ, ଯୋଗେନ୍ଦ୍ରନାଥପୁର ଗ୍ରାମରେ ବଜ୍ରପାତ ଯୋଗୁ ଟ୍ରାନ୍ସଫର୍ମର ମଧ ପୋଡି ଯାଇଛି । ଫଳରେ ଅନେକ ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିଛି । ଏ ନେଇ ବିଭାଗୀୟ ଏସଡିଓ ପୁରନ୍ଦର ସାହୁଙ୍କୁ ପଚାରିବାରୁ ସେ କହିଲେ, ପବନ, ବଜ୍ରପାତ ଓ ଲାଇଟିଂ ଯୋଗୁ ଅନେକ ଗାଁକୁ ବିଦ୍ୟୁତ ସେବା ବନ୍ଦ ହୋଇଯାଇଛି । ଟ୍ରାନ୍ସଫର୍ମର ପୋଡିଛି । ଗଛ ଭାଙ୍ଗି ବିଦ୍ୟୁତ୍ ତାର ଛିଣ୍ଡିଛି । ତିନି ଦିନ ମଧରେ ସମସ୍ତ କାମ କରାଯିବ ବୋଲି ସେ କହିଛନ୍ତି । ସାମାନ୍ୟ ବର୍ଷା ହୋଇଥିବାରୁ ଗରମରୁ ସାମାନ୍ୟ ରକ୍ଷା ମିଳିଛି। ନୃସିଂହନାଥ ଫରେଷ୍ଟ ବଙ୍ଗଳା ପାଖରେ ଜାମୁନ ଗଛ ଭାଙ୍ଗି ବିଦ୍ୟୁତ ତାର ଉପରେ ପଡିଥିବାରୁ ରାସ୍ତା ବନ୍ଦ ହେବା ସହ ବିଦ୍ୟୁତ ସରବରାହ ବନ୍ଦ ହୋଇପଡିଛି ।

■ କାଳବୈଶାଖୀ ବର୍ଷା ଭୟ

# ମଣ୍ଡିରେ ପଡିଛି ୩ ହଜାର ବସ୍ତା ଧାନ

ମନମୁଣ୍ଡା, ୧୬।୬ (ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା ମଣ୍ଡିରୁ ଧାନ ଉଠୁନାହିଁ। ଫଳରେ ଏଠାରେ ୩ ହଜାର ବସ୍ତା ଧାନ ପଡି ରହିଛି । କାଳବୈଶାଖୀ ବର୍ଷା ଭୟ ରହୁଥିବାରୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି ।

କିଛି ଦିନ ତଳେ ଶିମିଳିପଦର ମଣ୍ଡିରେ ୧୦୦୦ ବସ୍ତା ଧାନ ପଡିରହିଥିଲା। ମିଲର୍ସ ଆସିବାରେ ବିଳମ୍ବ କରିବାରୁ କାଳବୈଶାଖୀ ବର୍ଷାରେ ଧାନ ଓଦା ହୋଇଯାଇଥିଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ମିଲର୍ସ ଓ ପ୍ରଶାସନ ତତ୍ପରତା ଦେଖାଇ ମଣ୍ଡିରୁ ଧାନ ଉଠାଇଥିଲେ। ସେହିପରି ଯୋଗୀନ୍ଦ୍ରପୁର ମଣ୍ଡିରେ ମଧ ଅଚଳାବସ୍ଥା ଦେଖିବାକୁ ମିଳିଥିଲା । ସେଠାରେ ମଧ ହଜାରେରୁ ଉର୍ଦ୍ଧ୍ୱ ଧାନ ବସ୍ତା ପଡିରହିଥିଲା ଏବଂ ଚାଷୀମାନେ ଖରା ବର୍ଷାରେ ୫ଦିନ ଧାନକୁ ଜଗି ରହିଥିଲେ । ସେଠାରେ ମଧ ବର୍ଷାରେ ଧାନକୁ କ୍ଷତି ପହଞ୍ଚିଥିଲା । ଏ ନେଇ ଖବର ପ୍ରକାଶ ପାଇଥିଲା । ଏହାପରେ ମିଲର୍ସ ରବିବାର ଆସି ସବୁତକ ଧାନ ଉଠାଇ ଥିବା ସମ୍ପାଦକ ସର୍ବେଶ୍ୱର ହୋତା କହିଛନ୍ତି । ସେହିପରି ସମାନ



ମନମୁଣ୍ଡା ମଣ୍ଡିରେ ଖୋଲା ଆକାଶ ତଳେ ପଡିଥିବା ଧାନ ।

ଅବସ୍ଥା ମନମୁଣ୍ଡା ମଣ୍ଡିରେ ଦେଖିବାକୁ ମିଳିଛି । ଏଠାରେ ୫ରୁ ୬ ଦିନ ହେବ ହଜାର ହଜାର ବସ୍ତା ଧାନ ପଡି ରହିଛି । ଶନିବାର ୩ଟି ଟ୍ରକରେ ଏଠାରୁ ଧାନ ଉଠାଯାଇଛି । ତଥାପି ସୁବାଷ ମହାଲିକଙ୍କ ୧୭୦ ବସ୍ତା ଧାନ ପଡିଥିବାବେଳେ କ୍ଷେତ୍ରବାସୀ ତରିଆଙ୍କ ୧୧୨, ସୁରେଶ ମେହେରଙ୍କ ୧୭୫, ଗୋବର୍ଦ୍ଧନ ସାହୁଙ୍କ ୧୧୫, ଗୋଲେଖ ମହାକୁଡଙ୍କ ୧୬୦, ବେଗୁ ସାହୁଙ୍କ ୧୩୦, ଶତପଥି ସାହୁଙ୍କ ୧୦୫, ଅଭିମନ୍ୟୁ ପ୍ରଧାନଙ୍କ ୧୬୫, ପଞ୍ଚାନନ ମେହେରଙ୍କ ୧୭୩, ଜାଲ ସେନପତିଙ୍କ ୧୬୦, ରଘୁନାଥଙ୍କ ୧୧୦, ସୁବର୍ଣ୍ଣ ପ୍ରଧାନଙ୍କ ୧୬୭ ବସ୍ତା ଧାନ ପଡିରହିଛି । ସେହିପରି ବ୍ୟାସଦେବ ପ୍ରଧାନଙ୍କ ୧୭୮, ବଳଦେବ ପ୍ରଧାନଙ୍କ ୧୪୦, ପାଣ୍ଡବ ମହଲାଙ୍କ ୧୩୦, ତପନ କର୍ମୀଙ୍କ ୧୬୬, ସୁଧୀର ମହାଲିକଙ୍କ ୧୮୦, ସୁଶୀଲ ମହାଲିକଙ୍କ ୧୮୩, ମିଳନ ସାହୁଙ୍କ ୧୭୩, ରୀନା ତରିଆଙ୍କ ୧୬୯ ଏବଂ ଭାଗ୍ୟଧର ସାହୁଙ୍କ ୧୬୩ ଏପରି ୩୨୨୪ ବସ୍ତା ଧାନ ଅଦ୍ୟାବଧି ମଣ୍ଡିରେ ପଡିରହିଥିବା ଡିଇଓ ରୋହିତ ପ୍ରଧାନଙ୍କଠାରୁ ଜାଣିବାକୁ ମିଳିଛି। ଚାଷୀମାନେ ମଣ୍ଡିରେ ଧାନକୁ ଜଗି ରହିଛନ୍ତି । ଗତ ୨ରୁ ୩ ଦିନ ହେଲା ରାତ୍ରିରେ ବର୍ଷା ହୋଇଥିଲା ବେଳେ ଆକାଶରେ କଳା ବାଦଲ ଘୁରିବୁଲୁଛି । ଫଳରେ କେତେକ ଚାଷୀ ନିଜ ଧାନକୁ ତାରପୋଲିନ ଢ଼ାଙ୍କିଥିବା ବେଳେ ଆଉ କେତେଙ୍କ ପାଖରେ ନ ଥିବାରୁ ବହୁତ ଗୁଳଗୁଳା ହେଉଛନ୍ତି। ଆଉ କେତେକଙ୍କ ଧାନବସ୍ତା ଖୋଲା ଆକାଶ ତଳେ ପଡିରହିଛି । ଶୀଘ୍ର ମଣ୍ଡିରୁ ଧାନ ନ ଉଠିଲେ ଚାଷୀମାନେ କ୍ଷତି ସହିବା ସମ୍ଭାବନା ରହିଛି । ପ୍ରଶାସନ ଏଥିପ୍ରତି ତତ୍ପରତା ଦେଖାଇବାକୁ ଦାବି ହୋଇଛି । ଯୋଗୀନ୍ଦ୍ରପୁର ଏବଂ ମନମୁଣ୍ଡା ଉଭୟ ପ୍ୟାକ୍ସ ଦାୟିତ୍ୱରେ ଥିବା ସମ୍ପାଦକ ସର୍ବେଶ୍ୱର ହୋତା ତୁରନ୍ତ ଧାନ ଉଠାଇବାକୁ ମିଲର୍ସମାନଙ୍କୁ ଅନୁରୋଧ କରିଛନ୍ତି । ସୋମବାର ମିଲର୍ସ ସବୁ ଧାନ ଉଠାଇବେ ବୋଲି ସମ୍ପାଦକ ହୋତା ଜଣାଇଛନ୍ତି।

■ ଅତାବିରା ଏନଏସି

# ପ୍ରହସନ ପାଲଟିଛି ପଲିଥିନ ନିୟମ

ଜାମଟିକ୍ରା, ୧୬।୬ (ଡି.ଏନ.ଏ)

ଅତାବିରା ଏନଏସି ଅଞ୍ଚଳରେ ପଲିଥିନ ବନ୍ଦ ନିୟମ ପ୍ରହସନ ପାଲଟିଛି । ରାଜ୍ୟ ସରକାର ପଲିଥିନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ଅଣ୍ଟା ଭିଡିଛନ୍ତି। ସ୍ଥାନୀୟ ପ୍ରଶାସନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ ମଧ କରୁଛନ୍ତି। ଅତାବିରା ଏନଏସିର ସମସ୍ତ ଜନସାଧାରଣଙ୍କୁ ପଲିଥିନ ବ୍ୟବହାର ବନ୍ଦ କରିବା ପାଇଁ କିଛିଦିନ ତଳେ ବିଜ୍ଞାପନ ଓ ମାଇକ ଦ୍ୱାରା ସଚେତନ କରାଯାଇଥିଲା। ଏହାସତ୍ତ୍ୱେ ଏହି ଅଞ୍ଚଳରେ ପଲିଥିନ ବ୍ୟବହାର କରିବା ବନ୍ଦ ହେବା ବଦଳରେ ଦିନ ଦିନକୁ ଆହୁରି ବଢ଼ିବାରେ ଲାଗିଛି। ବିଭାଗୀୟ ଅଧିକାରୀମାନେ କେତେବେଳେ କେମିତି ଚଢ଼ାଉ କରି ହାତବାନ୍ଧି ବସିଛନ୍ତି । ଏନଏସି ଅଞ୍ଚଳର ଦୋକାନ ବଜାରମାନଙ୍କରେ ଗଦା ଗଦା ପଲିଥିନ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି । ପରିବା ଦୋକାନୀଠୁ ଆରମ୍ଭ କରି କିରାନା, ଜଳଖିଆ, ମାଛ, ମାଂସ ଦୋକାନ ଏମିତିକି ହାଟରେ ବହୁଳ ମାତ୍ରାରେ ପଲିଥିନ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି । ଏ ନେଇ ଅତାବିରା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତପସ୍ୱିନୀ ଗୁରୁ କୁହନ୍ତି, ପଲିଥିନ ଧରପଗଡକୁ ତ୍ୱରାନ୍ୱିତ କରିବା ସହ ଯେଉଁମାନେ ପଲିଥିନ କାରବାର କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଦହିଗାଁରେ ମହିମା ଯଜ୍ଞ

ପଦ୍ମପୁର, ୧୬।୬ (ଡି.ଏନ.ଏ)

ପଦ୍ମପୁର ବ୍ଲକ ଅନ୍ତର୍ଗତ ଦହିଗାଁଠାରେ ରବିବାର ଦହିଗାଁ ବିକାଶ ପରିଷଦ ପକ୍ଷରୁ ଅଲେଖ ମହିମା ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଙ୍ଗୋମୁଣ୍ଡା ମହିମା ଆଶ୍ରମର ବାବା କପିଳ ଦାସ ଓ ଯୋଖିପାଲି ମଠର ସ୍ୱାମୀ ସୁରେଶ୍ୱରାୟ ମହାରାଜ ପ୍ରମୁଖ ପ୍ରବଚନ ଦେଇଥିଲେ । ଚନ୍ଦ୍ରମଣୀ ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଧୀରେନ୍ଦ୍ର ଶାସ୍ତ୍ରୀ ସଭା ପରିଚାଳନା କରିଥିଲେ। ଏଥିରେ ଅଞ୍ଚଳର ଅନେକ ସାଧୁସନ୍ଥ ଯୋଗଦାନ କରିଥିଲେ । ହାଡୁ ବରିହା, ସନାତନ ବରିହା, ବୈଷ୍ଣବ ପ୍ରଧାନ, ମନ ବରିହା, ବଂଶୀଧର ସାହୁ ସହଯୋଗ କରିଥିଲେ। ଅଶ୍ୱିନୀ ତନସନା ଧନ୍ୟବାଦ ଅର୍ପଣ କରିଥିଲେ ।

# ରୌପ୍ୟ ପଦକ ବିଜେତା ବକ୍ସିଂ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ସୋହେଲା,୧୬।୬(ଡି.ଏନ.ଏ)

ଭୁବନେଶ୍ୱର କିଟ୍ କ୍ୟାମ୍ପସରେ ଠାରେ ଗତ ୮ରୁ ୧୨ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ କେନ୍ଦ୍ରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ୧୭ ବର୍ଷରୁ କମ୍ ୪୮ରୁ ୫୦କିଗ୍ରା ବର୍ଗ ବକ୍ସିଂ ପ୍ରତିଯୋଗିତାରେ ଛତିଶଗଡ ରାଜ୍ୟ ରାୟଗଡ ଜିଲା ବରମକେଲା ବ୍ଲକର ଝିକିପାଲି ପଞ୍ଚାୟତ ଅନ୍ତର୍ଗତ ଡୁମେରଡିହି କୁଲତାଟିକ୍ରାର ଛାତ୍ର ଆଶିଷ କୁମାର ସାହୁ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ପାଇ ରୌପ୍ୟ ପଦକ ହାସଲ କରିଛନ୍ତି। ଖବର ପାଇ ସାରଙ୍ଗଗଡ ବିଧାୟକ ଉତ୍ତରୀ ଗଣପତ ଜଙ୍ଗଡେ ଶନିବାର ତାଙ୍କ ଗ୍ରାମକୁ ଆସି ଆଶିଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଝିକିପାଲି ସରପଞ୍ଚ ପରମାନନ୍ଦ ବରିହା ପଞ୍ଚାୟତ ତରଫରୁ ଉକ୍ତ ଛାତ୍ରଙ୍କୁ ରାଜ୍ୟ ସରକାରଙ୍କ ପ୍ରଦତ୍ତ ୫ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଆଶିଷ



ଆଶିଷ କୁମାର ସାହୁ ।

ରାୟପୁର ସମ୍ଭାଗ ବିଳାସପୁର କେନ୍ଦ୍ରୀୟ ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି । ଆଗାମି ଦିନରେ ଆଶିଷ ଜାତୀୟ ବକ୍ସିଂ ଦଳରେ ସ୍ଥାନ ପାଇ ଦେଶ ପାଇଁ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ସେ ଅଲିମ୍ପିକ ପଦକ ବିଜେତା ବିଜେନ୍ଦର ସିଂଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେବେ ବୋଲି ପ୍ରକାଶ କରିଛନ୍ତି ।

■ ପ୍ରତିଶ୍ରୁତି ପାଣିର ଗାର

# ବୃଦ୍ଧ ଦମ୍ପତିଙ୍କୁ ମିଳିଲାନି ଆବାସ ଗୃହ

ଅତାବିରା, ୧୬।୬ (ଡି.ଏନ.ଏ)

ବରଗଡ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ସାଲନା ଗାଁର ଏ. ରୁଦ୍ରାୟା (୬୫) । ତାଙ୍କ ପରିବାରରେ ଅଛନ୍ତି ସ୍ତ୍ରୀ ସ୍ୱାଇ ଈଶ୍ୱରୀ ଓ ନାତୁଣୀ ବି. ଶୃତୀ। ଏହି ବୃଦ୍ଧ ଦମ୍ପତି ବହୁଦୁଃଖ କଷ୍ଟରେ ନାତୁଣୀଙ୍କୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ପଢ଼ାଇଲେଣି। ଗତବର୍ଷ ଲଘୁଚାପ ବର୍ଷାରେ ଘରଦ୍ୱାର ଭାଙ୍ଗି ଯାଇଥିବାରୁ ଏହି ପରିବାର ବର୍ଷେ ହେଲା ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି । ରହିବାକୁ ଘର ଖଣ୍ଡିଏ ନାହିଁ । ସେହିପରି ଗୋରୁ ଗୁହାଳ ମଧ ଭାଙ୍ଗିଯାଇଥିଲା । ଏଥିପାଇଁ ପଞ୍ଚାୟତକୁ ବାରମ୍ବାର ଦୌଡି ଦୌଡ ନିରାଶ ହେବା ପରେ ରୁଦ୍ରାୟା ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଅଭିଯୋଗ କରିଥିଲେ ମଧ କେହି କର୍ଣ୍ଣପାତ କରୁ ନ ଥିବା ସେ କହିଛନ୍ତି। ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରୀଆ ମଧ ଉକ୍ତ ପରିବାରକୁ ବିଜୁ ପକ୍କାଘର ଯୋଜନାରେ ସାମିଲ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

**ତାତିରେ ସିଝିଲେ, ବର୍ଷାରେ ଭିଜିବେ**



ବର୍ଷାରେ ଭାଙ୍ଗି ଯାଇଥିବା ଘର ଆଗରେ ଏ. ରୁଦ୍ରିୟାଙ୍କ ପରିବାର ।

କିନ୍ତୁ ତାଙ୍କ ପ୍ରତିଶ୍ରୁତି ପାଣିର ଗାର ସଦୃଶ ହୋଇଛି। ତାଙ୍କୁ କେବଳ ରାସନ କାର୍ଡରେ ୮ କେଜି ଗହମ ଓ ୨ କେଜି ଚାଉଳ ମିଳୁଛି । ପ୍ରବଳ ଗ୍ରୀଷ୍ମ ପ୍ରବାହରେ ତାତିରେ ସିଝିଥିବାବେଳେ ଆଗକୁ ମୌସୁମୀ ବର୍ଷା ହେଲେ କିପରି ରହିବେ ବୋଲି ଚିନ୍ତାରେ ପଡିଛନ୍ତି ଏ. ରୁଦ୍ରିୟାଙ୍କ ପରିବାର । ଏ ନେଇ ଭେଡେନ ବିଡିଓ ମୁରଲୀଧର ନାୟକଙ୍କୁ ପଚରାଯିବାରୁ ଜୁନ ମାସ ଶେଷ ସୁଦ୍ଧା ଉକ୍ତ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ଗୃହ ଯୋଗାଇ ଦିଆଯିବ ବୋଲି କହିଥିଲେ ।

# ଗଣ୍ଡିଆପାଲିରେ ବିଜେଡି କର୍ମୀ ସମ୍ମିଳନୀ

ବିଜେପୁର, ୧୬।୬ (ଡି.ଏନ.ଏ)

ବିଜେପୁର ବ୍ଲକ ଗଣ୍ଡିଆପାଲିରେ ପଞ୍ଚାୟତସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଦଳର ରାଜ୍ୟ ସମ୍ପାଦକ ଭୀଷ୍ମଦେବ ସରାଫ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରି ସଙ୍ଗଠନକୁ ସୁଦୃଢ଼ କରିବାରେ ତୃଣମୂଳସ୍ତରରେ କର୍ମୀମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ହରିବୋଲ ଭୁକ୍ତା ଅଧକ୍ଷତା କରିଥିଲେ। ଛବିଲାଲ ବାଗ, ଗୁହାଲୁ ଭୁଏ, ସୁଦାମ ସାହୁ, ରଞ୍ଜିତ ଭୁଏ, ବିକାଶ ସାହୁ, ଦୋଳଗୋବିନ୍ଦ ସାହୁ, ଭରତ ସାହୁ, ସୁଦାମ ପଟେଲ, ଜୟଦ୍ରଥ ପଟେଲ, ପାର୍ଥ ପଟେଲ, ସତ୍ୟ ପଟେଲ, ଆଇନଜୀବୀ ଲାଲବିହାରୀ ସାହୁ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଉକ୍ତ ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ବିଜେପୁର ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ବଡ ପ୍ୟାକେଜ ଘୋଷଣା କରିଥିବାରୁ ପଞ୍ଚାୟତବାସୀଙ୍କ ପକ୍ଷରୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ନିର୍ମଳ ପଟେଲ ସମ୍ମିଳନୀକୁ ସଂଯୋଜନା କରିଥିଲେ। ପଞ୍ଚାୟତର ଗଣ୍ଡିଆପାଲି, ବାଦିପାଲି, ବରକାନୀ, ରଙ୍ଗମାଟିଆ, ମହବେର୍ଣ୍ଣା ଗ୍ରାମର କର୍ମୀମାନେ ଯୋଗ ଦେଇଥିଲେ ।



ବିଜେଡିର ପଞ୍ଚାୟତସ୍ତରୀୟ ସମ୍ମିଳନୀରେ ଉପସ୍ଥିତ ଦଳୀୟ କର୍ମୀ ।

ପୁରୁଣା ବିଜେଡି କର୍ମୀଙ୍କ ବୈଠକ

# ପ୍ରାର୍ଥିତ୍ୱକୁ ନେଇ ଟଣାଓଟରା

ବରପାଲି, ୧୬।୬ (ଡି.ଏନ.ଏ)

ସଦ୍ୟ ସମାପ୍ତ ହୋଇଥିବା ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁର ଆସନରୁ ପ୍ରାର୍ଥୀ ହୋଇ ବିଜୟ ଲାଭ କରିଥିଲେ । ଏବେ ଉକ୍ତ ଆସନ ଛାଡିବା ପରେ ଏଠି ପୁଣି ଉପନିର୍ବାଚନ ହେବାକୁ ଯାଉଛି। ମାତ୍ର ଦେଢ଼ ବର୍ଷରେ ବିଜେପୁର ନିର୍ବାଚନ ମଣ୍ଡଳୀରେ ୩ ଥର ନିର୍ବାଚନ ହେବାକୁ ଲୋକେ ନାପସନ୍ଦ କରୁଛନ୍ତି । ଅନ୍ୟପକ୍ଷେ ରାଜନେତାମାନେ ବେଶ୍ ଉତ୍ସାହିତ ହୋଇ ନିଜ ଦଳବଳ ଲଗାଇ ରଣକୌଶଳ ଆରମ୍ଭ କରି ଦେଇଛନ୍ତି । ଗତ ଉପନିର୍ବାଚନ ବେଳେ ବିଜେଡି ଆଗତୁରା ଦଳୀୟ ପ୍ରାର୍ଥୀ ଘୋଷଣା କରି ହରଡଘଣାରେ ପଡିଥିଲା । ସେତେବେଳେ ପୁରାତନ ଆଶାୟୀଙ୍କ ମଧ୍ୟରେ ଚାପା ଅସନ୍ତୋଷ ସୃଷ୍ଟି ହୋଇଥିଲେ ମଧ ଚପାଇ ଦିଆଯାଇଥିଲା । ହେଲେ ଏଥର ନିର୍ବାଚନରେ ଦଳୀୟ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି । ଏହି ପରିପ୍ରେକ୍ଷୀରେ ରବିବାର ପୁରୁଣା ବିଜେଡି କର୍ମୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବିଜେପୁର ନିର୍ବାଚନ ମଣ୍ଡଳୀ ଅଧୀନ ବିଜେପୁର ଓ ଗାଇସିଲେଟ ବ୍ଲକରେ ପ୍ରାର୍ଥିତ୍ୱକୁ ନେଇ ଆଲୋଚନା କରାଯାଇଥିଲା । ବୈଠକରେ ଲାଲବିକ୍ରମ ସିଂ, ପ୍ରତାପ ସିଂ, ତେଜରାଜ ଭୋଇ, ଦିଲୀପ ପଧାନ, କିଶୋର ଦଫାଦାର ପ୍ରମୁଖ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ଜୀବିକାମିଶନ ସଭାଗୃହ ଉଦ୍‌ଘାଟିତ



ଜୀବିକା ମିଶନ ସଭାଗୃହକୁ ଉଦ୍‌ଘାଟନ କରାଯାଉଛି ।

ପାଇକମାଳ, ୧୬।୬ (ଡି.ଏନ.ଏ)

ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ପରିସରରେ ଓଡିଶା ଜୀବିକା ମିଶନ ସଭାଗୃହକୁ ଜାମସେଠ ସରପଞ୍ଚ ରମ୍ଭା ତାଣ୍ଡି ଉଦ୍‌ଘାଟନ କରିଛନ୍ତି । ଏଥିରେ ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ସେଠ ମୁଖ୍ୟଅତିଥି, ବିପିଏମ ମୁରଲିଧର ଗଡତିଆ, ବିଏଲସି ରୋହିଣୀ ବରିହା, ସୁମିତ୍ରା ଭୋଇ, ରାଜେନ୍ଦ୍ର ପ୍ରଧାନ, ହେମଲତା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପଦ୍ମାବତୀ ସାହୁ ଜୀବିକା ମିଶନର ଉଦ୍ଦେଶ୍ୟ ଓ କାର୍ଯ୍ୟକଳାପ ଉପରେ ସମ୍ୟକ ଧାରଣା ଦେଇଥିଲେ । ୮୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୫୦୦ ମହିଳା ଏଥିରେ ଭାଗ ନେଇଥିଲେ । ଶେଷରେ ଏମବିକେ ସଞ୍ଜିଦେବୀ ରଣା ଧନ୍ୟବାଦ ଦେଇଥିଲେ ।

## ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ

ଅତାବିରା, ୧୬।୬ (ଡି.ଏନ.ଏ)

ଦିନକୁ ଦିନ ସଚେତନତା ଅଭାବରୁ ସଡକ ଦୁର୍ଘଟଣା ବଢୁଛି । ସଚେତନତା ମାଧ୍ୟମରେ ହିଁ ଦୁର୍ଘଟଣା ରୋକାଯାଇ ପାରିବ । ଏହି ଅବସରରେ ରବିବାର ବରଗଡ ଜିଲା ଗୋଡଭଗା-ଡୁରୁମ ୫୪ ନମ୍ବର ରାଜ୍ୟ ରାଜପଥ ଖୁଣ୍ଟୁଲିପାଲି ଛକଠାରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯେଉଁ ବାଇକ ଚାଳକ ହେଲମେଟ ପିନ୍ଧିଥିଲେ ତାଙ୍କୁ ଅଟକାଇ କଲମ ଉପହାର ଦିଆଯାଇଥିଲା। ଯେଉଁ ବାଇକ ଚାଳକ ହେଲମେଟ ନ ପିନ୍ଧି ଗାଡି ଚଳାଉଥିଲେ ସେମାନଙ୍କୁ ଟ୍ରାଫିକ ନିୟମକାନୁନ ଉପରେ ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ବୁଝାଇ ସଚେତନ କରିଥିଲେ ।

## ୩୫ ୟୁନିଟ୍ ରକ୍ତ ସଂଗ୍ରହ

ପଦ୍ମପୁର, ୧୬।୬ (ଡି.ଏନ.ଏ)

ପଦ୍ମପୁର ମାରୱାଡି ଯୁବାମଞ୍ଚ ଓ ଜାଗୃତି ମହିଳା ମଣ୍ଡଳର ମିଳିତ ସହଯୋଗରେ ଶାସ୍ତ୍ରୀ ଧର୍ମଶାଳାଠାରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି, ସାମାଜିକ କର୍ମୀ ନିରୋଜ କୁମାର ଦୋରା, ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଅଗ୍ରୱାଲ ସମାଜର ଗୋବିନ୍ଦ ନାରାୟଣ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଯୁବାମଞ୍ଚ ସଭାପତି ଆଶିଷ ବଂଶଲ ସଭା ପରିଚାଳନା କରିଥିଲେ । ଶିବିରରେ ମୋଟ ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।

# ଟାଣଖରାରେ ବେପାର ମାନ୍ଦା




ବାଣିଜ୍ୟିକ ପେଣ୍ଠସ୍ଥଳୀ ଲେଙ୍ଗୁ ମିଶ୍ର ଛକରେ ଜନଗହଳି ନାହିଁ ।

ବରଗଡ଼ ଅଫିସ୍, ୧୬।୬

ସନ୍ଧ୍ୟାବେଳେ ମେଘୁଆ ପାଗ କିମ୍ବା ଝିପିଝିପି ବର୍ଷା ହେଉଛି । ତାହା ପୁଣି ନିୟମିତ ହେଉନାହିଁ । ଦିନସାରା ଅସହ୍ୟ ଟାଣଖରା ଓ ଗୁଳୁଗୁଳି ଲାଗି ରହୁଛି । ଏଭଳି ପରିସ୍ଥିତି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହେଉଛି । ସେହିପରି ଲୋକଙ୍କ ଜୀବିକା ପ୍ରଭାବିତ ହେଉଛି । ଲୋକେ ଘରୁ ପଦାକୁ ବାହାରୁ ନାହାନ୍ତି। ଯେଉଁ ସ୍ଥାନ ଗୁଡ଼ିକରେ ଜନଗହଳି ଦେଖିବାକୁ ମିଳୁଥିଲା, ସେଠାକାର ରାସ୍ତାଘାଟ ଶୂନଶାନ । ବେପାର, ବଣିଜ ପୂରା ମାନ୍ଦା । ଫଳରେ କିଛି ରୋଜଗାର ଆଶାରେ ସକାଳୁ ଆସିଥିବା ଦୋକାନୀଙ୍କୁ ସନ୍ଧ୍ୟାରେ ନିରାଶ ହୋଇ ଘରକୁ ଫେରିବାକୁ ପଡୁଛି । ଏହି କ୍ରମରେ ବରଗଡ଼ ସହରର କିଛି ଦୋକାନୀଙ୍କୁ ଆମେ ଭେଟିଥିଲୁ ।



“କିଛି ରୋଜଗାର ଆଶା ନେଇ ଦୋକାନ ଖୋଲିଛୁ । ଏଠାରେ ଭଲ ବ୍ୟବସାୟ ଚାଲିଥାଏ । ଗ୍ରୀଷ୍ମ ପୂର୍ବରୁ ଦିନକୁ ପ୍ରାୟ ୫ହଜାର ଟଙ୍କା ବେପାର ହେଉଥିଲା । କିନ୍ତୁ ଟାଣଖରା ଯୋଗୁ ତାହା ୨/୩ହଜାର ଟଙ୍କା ହେଉନାହିଁ । ଦିନ ୧୧ଟା ହୋଇଗଲେ ଦୋକାନକୁ ଗରାଖ ଆସୁନାହାନ୍ତି। ଦୋକାନ ଖୋଲି ବସି ରହୁଛୁ । ସକାଳ କିମ୍ବା ସନ୍ଧ୍ୟାବେଳା ଯାହା କିଛି ବିକ୍ରି ହେଉଛି । ସେତିକିରେ ସନ୍ତୁଷ୍ଟ ହୋଇ ରାତି ୯ଟାରେ ଘରକୁ ଫେରୁଛୁ ।

-**ସଞ୍ଜୟ ଦାସ**, ଫଳ ଦୋକାନୀ



“ସକାଳ ସାଢ଼େ ୭ଟାରୁ ନିୟମିତ ଦୋକାନ ଖୋଲୁଛି । ଦିନ ୧ଟା ପର୍ଯ୍ୟନ୍ତ ଦୋକାନ ଖୋଲା ରୁହେ ଏବଂ ଏହାପରେ ଖାଇବାକୁ ଯାଇଥାଏ । ପୁଣି ଅପରାହ୍ନ ସାଢ଼େ ୪ଟାରୁ ୫ଟା ମଧ୍ୟରେ ଆସିଥାଏ । ରାତ୍ରି ୯ଟାରେ ଘରକୁ ଫେରିଥାଏ । ଏବେ ଦିନ ୧୦ଟାରୁ ଗୋଟାଏ ପର୍ଯ୍ୟନ୍ତ କେହି ଗରାଖ ଆସୁ ନାହାନ୍ତି । ଯାହା ସାଢ଼େ ୪ହଜାର ଟଙ୍କାରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ସାମଗ୍ରୀ ବିକ୍ରି ହେଉଥିଲା । ଏବେ କିନ୍ତୁ ତାହା ୩ ହଜାର ଟଙ୍କାରେ ସୀମିତ ରହି ଯାଉଛି ।

-**ଗୁରପ୍ରୀତ୍ ସିଂ**, ଜୋତା ଦୋକାନୀ



“ସକାଳୁ ଦୋକାନ ଖୋଲୁଛୁ । ବିଭିନ୍ନ ଖବରକାଗଜ, ମାଗାଜିନ ସମେତ ଅନ୍ୟ ପୁସ୍ତିକା ବିକ୍ରି କରୁଛୁ । ଦିନସାରା ଆମ ଦୋକାନ ଖୋଲା ରୁହେ। ଦ୍ୱିପ୍ରହରରେ ମଧ୍ୟ ଦୋକାନକୁ ଖୋଲା ରଖିଥାଉ । ରାତି ୧୦ଟା ହେଲେ ଦୋକାନ ବନ୍ଦ କରି ଘରକୁ ଫେରିଥାଉ । ଖରା ଯୋଗୁ ବିକ୍ରିବଟା ବହୁତ ମାନ୍ଦା ପଡ଼ିଯାଇଛି । ଖରା ପୂର୍ବରୁ ଭଲ ବିକ୍ରି ହେଉଥିଲା । ଖରା ଗଲେ ପୁଣି ବିକ୍ରିବଟା ଜୋର୍ ଧରିବ ବୋଲି ଆଶା ରଖିଛୁ ।

-**ପ୍ରହଲ୍ଲାଦ ପତି**, ବହି ଦୋକାନୀ



ଉପଦେଶ ଦେବା ସରଳ କିନ୍ତୁ
ଉପାୟ୍ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ

### ଟଙ୍କା ନ ଫେରାଇବା ଅଭିଯୋଗ, ଜଣେ ଗିରଫ

ବିନିକା,୧୬।୬(ଡି.ଏନ୍.ଏ.)

ତାମିଲନାଡୁର କୁଏମ୍ବାଟୁରର ଏକ କମ୍ପାନୀରୁ କାମ ସାରି ଫେରିବା ପରେ ୬ଜଣଙ୍କ ପାରିଶ୍ରମିକ ଦରମା ଟଙ୍କା ସେମାନଙ୍କର ଜଣେ ସାଥୀ ଫେରାଇ ନ ଥିବା ବିନିକା ଥାନା ଅନ୍ତର୍ଗତ ଗନିଆଁ ଫାଣ୍ଡିରେ ଅଭିଯୋଗ ହୋଇଛି । ଏ ନେଇ ମେଘଲା ଗ୍ରାମର ଦାମୋଦର କଂଟା ନାମକ ଜଣେ ବ୍ୟକ୍ତି ସେହି ଗ୍ରାମର ଶଙ୍ଖାଳି ଗୁରୁଙ୍କ ନାମରେ ଏତଲା ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ମେଘଲା ଓ ଅଡାକଷା ଗ୍ରାମର ୬ଜଣ ଯୁବକ କିଛି ମାସ ତଳେ କୁଏମ୍ବାଟୁରର ଏକ କମ୍ପାନୀରେ କାମ କରିବାକୁ ଯାଇଥିଲେ । ସେଠାରେ କିଛି ଦିନ କଲା ପରେ ୬ଜଣ ଯାକ ଦରମା ବାବଦକୁ ୩୪ହଜାର ଟଙ୍କା ଧରି ଘରକୁ ଫେରିବାକୁ ବାହାରିଥିଲେ। ହେଲେ କୌଣସି କାରଣରୁ ସମସ୍ତେ ଫେରି ପାରି ନ ଥିଲେ । ଏଥିଯୋଗୁଁ ସେମାନଙ୍କ ପରିଚିତ ମେଘଲା ଗ୍ରାମର ଶଙ୍ଖାଳି ଗୁରୁଙ୍କ ବ୍ୟାଙ୍କ ଜମା ଖାତାରେ ଟଙ୍କା ଜମା କରିବାକୁ ମାଲିକଙ୍କୁ କହିଥିଲେ। ପରେ ଅଡାକଷା ଗ୍ରାମର ଗୋପାଲ ଝାଙ୍କର, ମେଘଲାର ଦାମୋଦର କଂଟା, ମନମଥ କଂଟା, ରାମକୁମାର ଗୁରୁ ଓ ସୌମ୍ୟରଞ୍ଜନ ମହାକୁର ପ୍ରମୁଖ ଘରକୁ ଫେରି ଆସିଥିଲେ। କିଛି ଦିନ ପରେ ସମ୍ପୃକ୍ତ ଯୁବକମାନେ ଶଙ୍ଖାଳିଙ୍କ ବ୍ୟାଙ୍କ ଖାତାକୁ ମାଲିକ ପଠାଇଥିବା ଉକ୍ତ ୩୪ହଜାର ଟଙ୍କା ମାଗିଥିଲେ । ହେଲେ ମାଲିକ ତୁମମାନଙ୍କ ଟଙ୍କା ପଠାଇ ନାହିଁ ବୋଲି ଶଙ୍ଖାଳି କହିଥିଲେ । ପରେ ଶଙ୍ଖାଳି ଗୁରୁଙ୍କ ନାମରେ ଦାମୋଦର କଂଟା ଗନିଆଁ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । ଏତଲା ପାଇବା ପରେ ଫାଣ୍ଡି ଅଧିକାରୀ ଶଙ୍ଖାଳିଙ୍କ ଜମାଖାତା ଅପଡେଟ୍ କରିବାକୁ କହିବାରୁ ସେ ଆଉ ଧରାଛୁଆଁ ଦେଇ ନ ଥିଲେ। ପରବର୍ତ୍ତୀ ସମୟରେ ଶଙ୍ଖାଳୀଙ୍କୁ ପୋଲିସ ଗିରଫ କରିଥିଲା। ଖାତା ଅପଡେଟ୍ କରିବାରୁ ତାମିଲନାଡୁ କମ୍ପାନୀରୁ ମାଲିକ ପଠାଇଥିବା ୩୪ହଜାର ଟଙ୍କା ଶଙ୍ଖାଳିଙ୍କ ଖାତାରେ ଜମା ହୋଇଥିବା ସ୍ପଷ୍ଟ ହୋଇଥିଲା। ତେବେ ଟଙ୍କା ଦେଇ ନପାରିବାରୁ ଅଭିଯୋଗକାରୀ ପୋଲିସ ଉପସ୍ଥିତିରେ ଏକ ଚୁକ୍ତିନାମା କରି ୩୪ହଜାର ଟଙ୍କା ଦୁଇଟି କିସ୍ତିରେ ନେବାକୁ ଲେଖାଇ ନେଇଥିଲେ। ପ୍ରଥମ କିସ୍ତିରେ ସେ ୧୦ହଜାର ଦେଇଥିଲେ। ଅବଶିଷ୍ଟା ୨୪ ହଜାର ଟଙ୍କା ଜୁନ ୧୦ତାରିଖ ମଧ୍ୟରେ ଦେବାକୁ ଶଙ୍ଖାଳି କହିଥିଲେ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଉକ୍ତ ଟଙ୍କା ଦେଇ ନପାରିବାରୁ ରବିବାର ଶଙ୍ଖାଳିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

# ସରିନି ଧାନକିଣା, କଟକଣା ଆରମ୍ଭ

ବରଗଡ଼ ଅଫିସ୍,୧୬।୬



ଖୁଣ୍ଟଲିପାଲି ମଣ୍ଡିରେ ବିକ୍ରି ଅପେକ୍ଷାରେ ପଡ଼ି ରହିଥିବା ଧାନ।

- ସ୍ଥାନାନ୍ତର ହେଲା ୩୦ ଧାନକ୍ରୟ କେନ୍ଦ୍ର
- କ୍ରୟକେନ୍ଦ୍ରରେ ଏଣିକି ୩ ଦିନ ଧାନ ସଂଗ୍ରହ
- ଯୋଗାଣ ନିରୀକ୍ଷକଙ୍କ ଯାଞ୍ଚ ପରେ ଉଠିବ

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଉ ସପ୍ତାହକ ପରେ ଦେଢ଼ମାସ ବିତିବ । ଏହି ପ୍ରକ୍ରିୟାରେ ଜିଲାରେ ଖୋଲା ଯାଇଥିବା ମଣ୍ଡି ତଥା ଧାନକ୍ରୟ କେନ୍ଦ୍ର ଗୁଡ଼ିକରେ ଉଭୟ ଧାନ ସଂଗ୍ରହ ଓ ଉଠାଣ ଚାଲିଛି । ମାତ୍ର ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି(ଆରଏମସି) ଅଧୀନ ମଣ୍ଡିଗୁଡ଼ିକରେ ଧାନ ସଂଗ୍ରହ ପ୍ରକ୍ରିୟା ସ୍ୱାଭାବିକ ହୋଇପାରିନାହିଁ । ସେହିପରି ବରଗଡ଼ ଓ ଅତାବିରା ଆରଏମସି ଅଧୀନ କେତେକ ମଣ୍ଡିରେ ଧାନ ଉଠାଣ ମନ୍ଥର ଗତିରେ ଚାଲୁଥିବା ଅଭିଯୋଗ ହୋଇଛି । ଏଭଳି ସ୍ଥିତିରେ ଜିଲାରେ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି । ଅପରପକ୍ଷେ ଧାନ ସଂଗ୍ରହ ପ୍ରକ୍ରିୟାରେ ଗତ ଏପ୍ରିଲ ୩୦ତାରିଖରେ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଧାନ ସଂଗ୍ରହ କମିଟି ନିଷ୍ପତ୍ତି ଉପରେ କିଛି ପରିବର୍ତ୍ତନ କରାଯାଇଛି। ଶୁକ୍ରବାରଠାରୁ ଜିଲାର କେତେକ ଧାନକ୍ରୟ କେନ୍ଦ୍ର(ପିପିସି)କୁ ନିକଟସ୍ଥ ମାର୍କେଟ ୟାର୍ଡ଼(ଏମଓ୍ୱାଇ)କୁ ସ୍ଥାନାନ୍ତର କରାଯାଇଛି । ଧାନ କିଣାବିକା ପ୍ରକ୍ରିୟାରେ ଉତ୍ତମ ପରିଚାଳନା ପାଇଁ ସେଭଳି କରାଯାଇଥିବା କୁହାଯାଉଛି । ମାତ୍ର ଏହାଦ୍ୱାରା ଚାଷୀମାନଙ୍କୁ ହିଁ ହଟହଟା ହେବାକୁ ପଡ଼ିବ ବୋଲି ଚାଷୀମାନେ ମତବ୍ୟକ୍ତ କରିଛନ୍ତି।

ଜିଲାପାଳଙ୍କ କାର୍ଯ୍ୟାଳୟ (ଯୋଗାଣ ବିଭାଗ)ର ପତ୍ରସଂଖ୍ୟା:-୪୦୨୧ ତା:-୧୨।୬।୧୯ କ୍ରମେ ଅତାବିରା ଆରଏମ୍‌ସି ଅଧୀନ ଅତାବିରା ପ୍ୟାକ୍ସ ଅନ୍ତର୍ଗତ ଲସ୍ତଲା, ମନାପଡ଼ା, ସିଂହପାଲି ଓ ଟୋପ ଧାନ କ୍ରୟକେନ୍ଦ୍ର (ପିପିସି)କୁ ଅତାବିରା ମାର୍କେଟ ୟାର୍ଡ଼କୁ ସ୍ଥାନାନ୍ତର କରାଯାଇଛି । ସେହିପରି ଭେଡ଼େନ ପ୍ୟାକ୍ସ ଅନ୍ତର୍ଗତ ପ୍ରଧାନପାଲି ଧାନକ୍ରୟ କେନ୍ଦ୍ରକୁ ରେଶମ ଓ ସାଲେପାଲି ଧାନକ୍ରୟ କେନ୍ଦ୍ରକୁ ଭେଡ଼େନ ମାର୍କେଟ୍‌ୟାର୍ଡ଼କୁ ସ୍ଥାନାନ୍ତର ହୋଇଛି । ଝିଲିମିଣ୍ଡା ପ୍ୟାକ୍ସ ଅଧୀନ ଜହ୍ନାପଡ଼ା ଓ ଝିଲିମିଣ୍ଡା ଧାନକ୍ରୟ କେନ୍ଦ୍ରକୁ ପତ୍ରାପାଲି, ଲହଣ୍ଡା ପ୍ୟାକ୍ସ ଅଧୀନ ଲହଣ୍ଡା ଧାନକ୍ରୟ କେନ୍ଦ୍ରକୁ ଗୋଡ଼ଭଗା, ଲରମ୍ବା ପ୍ୟାକ୍ସ ଅଧୀନ ତାଲପଦରଟିକ୍ରା ଧାନକ୍ରୟ କେନ୍ଦ୍ରକୁ ଗୋଡ଼ଭଗା, ପାହାଡ଼ଶ୍ରୀଗିଡ଼ା ପ୍ୟାକ୍ସ ଅଧୀନ ଟାଙ୍ଗରପାଲି ଧାନକ୍ରୟ କେନ୍ଦ୍ରକୁ ଖରମୁଣ୍ଡା, ରେମୁଣ୍ଡା ପ୍ୟାକ୍ସ ଅଧୀନ ରେମୁଣ୍ଡାକୁ ଝରାପାଲି, ସିଆଲଖଣ୍ଡହଥା ପ୍ୟାକ୍ସ ଅଧୀନ ବରପଦର, ସୁନାଲରମ୍ବାକୁ ଭେଡ଼େନ, ସଂକ୍ରୀଡ଼ା ପ୍ୟାକ୍ସ ଅଧୀନ ଚିଚିଣ୍ଡାକୁ ପପଙ୍ଗା ଏବଂ ସଂକ୍ରୀଡ଼ା ପ୍ୟାକ୍ସ ଅଧୀନ ଅର୍ଜ୍ଜୁଣ୍ଡା ଧାନକ୍ରୟ କେନ୍ଦ୍ରକୁ ଝରାପାଲି ମାର୍କେଟ୍‌ୟାର୍ଡ଼କୁ ସ୍ଥାନାନ୍ତର କରାଯାଇଛି ।

ସେହିପରି ବରଗଡ଼ ଆରଏମସି ଅଧୀନ ଅଡ଼ଗାଁ ପ୍ୟାକ୍ସ ଅନ୍ତର୍ଗତ ଗାଇସିମା, ଖଣ୍ଡହଥାକୁ ଅଡ଼ଗାଁ, ତାଲଶ୍ରୀଗିଡ଼ାକୁ କଲାପାଣି, ଚଢ଼େଇଗାଁ ପ୍ୟାକ୍ସ ଅଧୀନ ଜଡ଼ା ଓ କମଗାଁକୁ ଭଟଲି ମାର୍କେଟୟାର୍ଡ଼କୁ ସ୍ଥାନାନ୍ତର କରାଯାଇଛି । ଗୋବିନ୍ଦପୁର ପ୍ୟାକ୍ସ ଅଧୀନ ଚକରକେନ୍ଦ ଓ ଗୋବିନ୍ଦପୁର ଧାନକ୍ରୟ କେନ୍ଦ୍ରକୁ ଗୁଡ଼େଶିରା, ବରଗଡ଼ କଟାପାଲି ପ୍ୟାକ୍ସ ଅଧୀନ ବରଗାଁ, ନୁନିଆଁ ଜାମପାଲି ଓ ବନ୍ଧାକୁ ବରଗଡ଼, ସରସରା ପ୍ୟାକ୍ସ ଅଧୀନ ଖୁଣ୍ଟପାଲି ଓ ଲାଉନସରାକୁ ବେହେରା ଏବଂ ତୋରା ପ୍ୟାକ୍ସ ଅଧୀନ ଜମୁର୍ଦ୍ଧାକୁ ବରଗଡ଼ ମାର୍କେଟୟାର୍ଡ଼କୁ ସ୍ଥାନାନ୍ତର କରାଯାଇଛି ।

ଜିଲାର ବରଗଡ଼, ଅତାବିରା ଓ ପଦ୍ମପୁର ଆରଏମସି ଅଧୀନ ସମସ୍ତ ଧାନକ୍ରୟ କେନ୍ଦ୍ର ଖୋଲା ରହିବ । ମାତ୍ର ପୂର୍ବଭଳି ସବୁଦିନ ସେହି ଧାନକ୍ରୟ କେନ୍ଦ୍ର ଗୁଡ଼ିକରେ ଧାନ ସଂଗ୍ରହ କିମ୍ବା ଉଠାଣ ଚାଲିବ ନାହିଁ । ସପ୍ତାହର ପ୍ରଥମ ତିନିଦିନ ସେହି ମଣ୍ଡି ତଥା ଧାନକ୍ରୟ କେନ୍ଦ୍ର ଗୁଡ଼ିକରେ ଧାନ ସଂଗ୍ରହ କରାଯିବ ଏବଂ ଚତୁର୍ଥ ଦିବସରେ ସମ୍ପୃକ୍ତ ବ୍ଲକ ଯୋଗାଣ ନିରୀକ୍ଷକ ତାହା ଯାଞ୍ଚ କରି ସାରିବା ପରେ ଯାଇ ସେହି ଧାନ କିଣାଯାଇ ଉଠାଯିବ ବୋଲି ନିଷ୍ପତ୍ତି ହୋଇଛି । ଏହି ନିଷ୍ପତ୍ତି ପରେ ଧାନ କିଣାବିକାରେ ସୁଧାର ଆସିବ ନା ଚାଷୀଙ୍କୁ ଆହୁରି ହଇରାଣ ହରକତର ସମ୍ମୁଖୀନ ହେବାକୁ ପଡ଼ିବ, ତାହା ସମୟ କହିବ ।

### ଆମ୍ବୁଲାନ୍ସ ସେବା ଭେଳିକି

ବରଗଡ଼ ଅଫିସ୍,୧୬।୬

ଉତ୍ତମ ତଥା ତ୍ୱରିତ୍ ସ୍ୱାସ୍ଥ୍ୟସେବା ଯୋଗାଇବା ଉଦ୍ଦେଶ୍ୟ ନେଇ ସରକାର ୧୦୨ ଏବଂ ୧୦୮ ଆମ୍ବୁଲାନ୍ସ ବ୍ୟବସ୍ଥା କରିଛନ୍ତି। ମାତ୍ର ବିଭିନ୍ନ ସମୟରେ ଏହାର ସଠିକ୍ ପରିଚାଳନା ହୋଇପାରୁ ନ ଥିବା ଯୋଗୁ ସେହି ସେବା ବେଳେବେଳେ ଲୋକଙ୍କୁ ଅପହଞ୍ଚ ହୋଇ ପଡୁଛି । ଫଳରେ ଏହା ଏବେ ଭେଳିକିରେ ପରିଣତ ହୋଇଛି। କେତେବେଳେ ସେହି ଆମ୍ବୁଲାନ୍ସରେ ଅକ୍ସିଜେନ ସରିଯାଉଛି ତ ଆଉକେବେ ଠିକ୍ ସମୟରେ ଆମ୍ବୁଲାନ୍ସ ପହଞ୍ଚୁ ନ ଥିବା ମଧ୍ୟ ଅଭିଯୋଗ ହେଉଛି। ରବିବାର ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଏଭଳି ଏକ ଘଟଣା ଘଟିଥିଲା । ଦୁଇ ନବଜାତ ଶିଶୁଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରୁ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ । ସେତେବେଳେ ସେଠାରେ ୧୦୨ ଆମ୍ବୁଲାନ୍ସ ଥିବାବେଳେ ସେହି ନବଜାତ ଶିଶୁଙ୍କୁ ବୁର୍ଲା ନେବା ପାଇଁ ସମ୍ପୃକ୍ତ ଆମ୍ବୁଲାନ୍ସର ଚାଳକ ବିଭିନ୍ନ ଆଳ ଦେଖାଇଥିବା ଅଭିଯୋଗ ହୋଇଛି। ଅନ୍ୟପରେ ୧୦୮ ଆମ୍ବୁଲାନ୍ସ ସେଠାକୁ ପହଞ୍ଚି ଶିଶୁମାନଙ୍କୁ ବୁର୍ଲା ନେଇଥିଲେ ମଧ୍ୟ ତାହା ବିଳମ୍ବରେ ପହଞ୍ଚିଥିଲା ଏବଂ ଏଥିପାଇଁ ପ୍ରାୟ ଘଣ୍ଟାଏ ଧରି ଜିଲା ମୁଖ୍ୟ ଡାକ୍ତରଖାନାରେ ଦୁଇ ନବଜାତ ଶିଶୁଙ୍କୁ ଧରି ସେମାନଙ୍କ ପରିବାର ଲୋକଙ୍କୁ ଆମ୍ବୁଲାନ୍ସ ଅପେକ୍ଷାରେ ରହିବାକୁ ପଡ଼ିଥିଲା । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପାଢ଼ୀଙ୍କ ମତାମତ ମିଳିପାରିନାହିଁ ।

# ପ୍ରଶିକ୍ଷଣ ନେଲେ ଶତାଧିକ ଯୋଗ ଶିକ୍ଷକ

ସୋନପୁର,୧୬।୬(ନି.ପ୍ର.)



ଶିବିର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।

**ଜୁନ୍ ୨୧ରେ ବିଶ୍ୱ ଯୋଗ ଦିବସ**

ଜୁନ୍ ୨୧ରେ ସୁବର୍ଣ୍ଣପୁର ଜିଲାର ୫୦୦ ସ୍ଥାନରେ ଯୋଗ ଶିବିର ଆୟୋଜନ କରିବାକୁ ଜିଲା ଯୋଗ ମହୋତ୍ସବ ସମିତି ଲକ୍ଷ୍ୟ ରଖିଛି। ଏଥିପାଇଁ ଶନିବାର ଓ ରବିବାର ଦୁଇ ଦିନ ଧରି ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ସୋନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲାର ୬ଟି ବ୍ଲକରୁ ୧୫୭ ଜଣ ଯୋଗ ଶିକ୍ଷକ ଶିବିରରେ ପ୍ରଶିକ୍ଷଣ ନେଇଥିଲେ। ରବିବାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ହରପ୍ରସାଦ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗ ଶିକ୍ଷକଙ୍କୁ ସମ୍ବୋଧନ କରିଥିଲେ। ରଥ କହିଥିଲେ ଏହା ମହତ୍ କାର୍ଯ୍ୟ । ସୁସ୍ଥ ତଥା ନିରାମୟ ଜୀବନଯାପନ ପାଇଁ ଯୋଗ ଜରୁରୀ। ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା ପରିଷଦର ସଭାପତି ଡ. ଜ୍ୟୋତିରଞ୍ଜନ ବହିଦାର ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଶରୀର ଓ ମନ ସୁସ୍ଥ ରଖିବା ପାଇଁ ଯୋଗ ଆବଶ୍ୟକ ବୋଲି କହିଥିଲେ। ସୁବର୍ଣ୍ଣପୁର ଜିଲା ଯୋଗ ମହୋତ୍ସବ ସମିତିର ସଂଯୋଜକ ଶରତ ଶତପଥୀ, ଧର୍ମ ଜାଗରଣ ସମନ୍ୱୟ ସମିତିର ପ୍ରାନ୍ତ ଉପସଭାପତି ବିକ୍ରମ ଆଚାଯର୍‌ୟ, ଆରଏସଏସର ଜିଲା ସଂଘ ଚାଳକ ବିପିନ ବାଗ, ଅଧ୍ୟାପକ ନିରଞ୍ଜନ ପାଣ୍ଡିଆ ପ୍ରମୁଖ ମଞ୍ଚାସିନ ଥିଲେ। ସଂସ୍କାର ଭାରତୀୟ ଗଦାଧର ବାରିକ, ମାଙ୍ଗୁ ସେଠୀ, ଦୟାନିଧି କରଣ, ଦିଲ୍ଲିପ ତ୍ରିପାଠୀ, ରାମଶଙ୍କର ଭୋଇ, ଲୋକନାଥ ମାହାର, ବିଶ୍ୱଜିତ ମିଶ୍ର ଓ ଧର୍ମେନ୍ଦ୍ର ବଡମାଳୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

### ହମ୍ ପକ୍ଷରୁ ରକ୍ତଦାନ ଶିବିର

ଡୁଙ୍ଗୁରିପାଲି, ୧୬।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ହମ୍ (ହେଲ୍‌ପିଙ୍ଗ୍ ଅଣ୍ଡର୍ ମାସ୍) ତରଫରୁ ରବିବାର ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ୧୨୦ୟୁନିଟ ରକ୍ତ ସଂଗୃହ କରାଯାଇଛି । ପୂର୍ବାହ୍ନ ସାଢେ ୯ରୁ ୨ଟା ପର୍ଯ୍ୟନ୍ତ ଶିବିର ଆୟୋଜିତ ହୋଇଥଇଲା। ଭୀମସାର ବୁର୍ଲାରୁ ଆସିଥିବା ବ୍ଲଡ୍‌ବ୍ୟାଙ୍କ୍‌ର ଡ.ସତ୍ୟବ୍ରତ ଦେବଗିରି, କାଉନସିଲର ମଣ୍ଟୁ ପ୍ରଧାନ, ଲାବ ଟେକନିସିଆନ ରବିନାରାୟଣ ରାଉତ, ରମାକାନ୍ତ ସାହୁ, ଗଣେଶ ପଧାନ, ପାନୁ ଭୋଇ, ସଞ୍ଜିବ ବେରା ଉପସ୍ଥିତ ରହି ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । ସାତ ଜଣ ମହିଳା ସମେତ ମୋଟ ୧୨୦ ଜଣ ରକ୍ତଦାନ କରିଥିଲେ। ହମ୍‌ର ସଦସ୍ୟ ମହେଶ ଅଗ୍ରୱାଲ, କମଲ ମେହେର, ଏକା ବାରିକ, ଦିଲୀପ ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବୁର୍ଲା ବ୍ଲଡ୍‌ବ୍ୟାଙ୍କ୍ ତରଫରୁ ସମସ୍ତ ରକ୍ତଦାତାମାନଙ୍କୁ ପ୍ରମାଣ ପତ୍ର ଦିଆଯାଇଥିଲା।



ଦୁଇଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

# ଯୋଗ ପ୍ରଶିକ୍ଷକଙ୍କ ତାଲିମ ଶିବିର

ପୁରୁଣାକଟକ,୧୬।୬(ଡି.ଏନ.ଏ)



ତାଲିମ ଶିବିରରେ ଉପସ୍ଥିତ ଯୋଗ ଶିକ୍ଷକ ।

ଆସନ୍ତା ୨୧ ତାରିଖରେ ବିଶ୍ୱ ଯୋଗ ଦିବସ ପାଳନ ପାଇଁ ବୌଦ୍ଧ ଜିଲା ପୁରୁଣାକଟକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ଏକ ବ୍ଲକସ୍ତରୀୟ ଯୋଗ ଶିକ୍ଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ପତଞ୍ଜଳି ଯୋଗ ସମିତି ବୌଦ୍ଧ ଆନୁକୂଲ୍ୟରେ ହୋଇଥିବା ଏହି ଶିବିରରେ ମୁଖ୍ୟ ତାଲିମଦାତା ଭାବେ ଯୋଗ ମହୋତ୍ସବ ସମିତି ଓଡିଶା ପ୍ରାନ୍ତୀୟ ଶିକ୍ଷକ ହୃଷିକେଶ ପ୍ରଧାନ ଯୋଗଦେଇ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଜିଲା ସଂଯୋଜକ ବିଜୟ କୁମାର ସାହୁ, ଜିଲା ପ୍ରତିନିଧି ବାଳକୃଷ୍ଣ ନାୟକ, ବ୍ଲକ ସଂଯୋଜକ କୁମୁଦ ପ୍ରଧାନ, ଯୁବ ସଂଯୋଜକ ସତ୍ୟ ନାୟକ ସହଯୋଗ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ମକଦମ ମହାରଣା, ସୁରେନ୍ଦ୍ର ପ୍ରଧାନ, ଦେବାଶିଷ ପୁରୋହିତ, ପ୍ରେମାନନ୍ଦ ପାଢୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରାୟ ୫୦ଜଣ ଶିକ୍ଷକ ତାଲିମ ଗ୍ରହଣ କରିଥିଲେ ।

### ଯାତ୍ରୀବାହୀ ଟ୍ରେନ ରହଣି ଦାବି

ସରଣ୍ଡା,୧୬।୬(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ରେଳ ଷ୍ଟେଶନରେ ଯାତ୍ରୀବାହୀ ଏକ୍ସପ୍ରେସ ଟ୍ରେନ ରହଣୀ ପାଇଁ ଦାବି ହୋଇଛି । ଏହି ପରିପ୍ରେକ୍ଷୀରେ ଅତାବିରା ବ୍ଲକ ଲାଦେରପାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ପୁଷ୍ପାବତୀ ସେଠ ବରଗଡ଼ ଲୋକସଭା ଏମପି ସୁରେଶ ପୂଜାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେ ସ୍ମାରକପତ୍ରରେ ଅତାବିରା ରେଳ ଷ୍ଟେଶନରେ ସମଲେଶ୍ୱରୀ, ଇସ୍ପାତ, ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି, ଦୁର୍ଗ-ପୁରୀ, ନାଗାବଳୀ ଏବଂ ରାଉରକେଲା-କୋରାପୁଟ ଯାତ୍ରୀବାହୀ ଟ୍ରେନର ରହଣୀ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏହା ସହିତ ଅତାବିରା ରେଳଷ୍ଟେଶନର ଉନ୍ନତୀକରଣ ଏବଂ ଯାତ୍ରୀ ପ୍ରତୀକ୍ଷାଳୟ ପାଇଁ ଦାବି କରିଛନ୍ତି ।

# ନବ୍ୟାଙ୍କୁ ଭୂତପୂର୍ବ ସୈନିକ ସଂଘର ସମ୍ବର୍ଦ୍ଧନା




ଭୂତପୂର୍ବ ସୈନିକ ସଂଘ ପକ୍ଷରୁ କୃତୀଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି ।

ବରଗଡ଼ ଅଫିସ୍,୧୬।୬

ବରଗଡ଼ ଜିଲା ଭୂତପୂର୍ବ ସୈନିକ ସଂଘ ପକ୍ଷରୁ ରବିବାର ସନ୍ଧ୍ୟାରେ ଜିଲାର କୃତୀଛାତ୍ରୀ ତଥା ଗତ ମାଟ୍ରିକ ପରୀକ୍ଷାରେ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିବା ବରଗଡ଼ ସହର ବାସିନ୍ଦା ନବ୍ୟା ନବେଲୀ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବରଗଡ଼ ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସଂଘର ମାନସ ଚାନ୍ଦ ସ୍ୱାଗତ ଭାଷଣ ଦେଇଥିଲେ । ସଭାପତି ଉଗ୍ରସେନ ପ୍ରଧାନ, ସମ୍ପାଦକ ସରୋଜ ମହାପାତ୍ର, ଉପସଭାପତି ବିଦ୍ୟୁତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶଥାଉକି, ଗତ କିଛିଦିନ ତଳେ ନବ୍ୟା ଇସ୍ରୋ ମହାକାଶ ଗବେଷଣା ସଂସ୍ଥା ପରିଦର୍ଶନରେ ଯାଇ ସେଠାରେ ବିଜ୍ଞାନ ସମ୍ପର୍କୀତ ଜ୍ଞାନ ଆହରଣ କରି ଫେରିଛନ୍ତି ।

■ ମୌସୁମୀ ଉତ୍ସବ ଉଦ୍‌ଯାପିତ

# ରଜ ନୃତ୍ୟରେ ଦୁଲୁକିଲା ମଞ୍ଚ

ବୌଦ୍ଧ,୧୬।୬(ସ୍ୱ.ପ୍ର)



ମୌସୁମୀ ଉତ୍ସବରେ ନୃତ୍ୟ ପରିବେଷଣ କରାଯାଉଛି ।

ବୌଦ୍ଧ ଟାଉନହଲଠାରେ ଗେହ୍ଲା ମା' କଳାନିକେତନ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ମୌସୁମୀ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ମହିଳାମାନଙ୍କ ମଧ୍ୟରେ ସାପ ସିଡ଼ି, ବେଲୁନ ଫୁଙ୍କା, ବାସ୍କେଟ ବଲ, କାର୍ଡ ସର୍ଟିଂ ଆଦି ଅନେକ ପ୍ରକାର ଆକର୍ଷଣୀୟ ଖେଳ ଅନୁଷ୍ଠିତ ହୋଇଥିଲା। ଏହାବ୍ୟତୀତ ମହିଳାମାନଙ୍କ ଦ୍ୱାରା ପାରମ୍ପରିକ ରଜନୃତ୍ୟ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ମାରୱାଡି ମହିଳା ସମିତି ସଭାପତି ଆଶା ଦେବୀ ଅଗ୍ରୱାଲା, ଏଏନଏମ ଟ୍ରେନିଂ କଲେଜର ଅଧ୍ୟକ୍ଷା ରୀତାଞ୍ଜଳି ସ୍ୱାଇଁ ଓ ପ୍ରଣତି ପଣ୍ଡା ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଚିତ୍ତରଞ୍ଜନ ଦାଶ ଓ ସଭାପତି ଶଶାଙ୍କ ଶେଖର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଆଶୁତୋଷ ମହାପାତ୍ର, କାର୍ଯ୍ୟକ୍ରମ ସଂଯୋଜକ ବସନ୍ତ କୁମାର ସାହୁ, ଗୋପାଳକୃଷ୍ଣ ବେହେରା, ସନ୍ତୋଷ ନାୟକ, ମିହିର ଚାନ୍ଦ, ଶତ୍ରୁଜିତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ବରଗଡ଼ରେ ଝଡ଼ବର୍ଷା

ବରଗଡ଼ ଅଫିସ୍,୧୬।୬

ବରଗଡ଼ ସହର ସମେତ ଆଖପାଖ ଅଞ୍ଚଳରେ ରବିବାର ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ଝଡ଼ବର୍ଷା ହୋଇଥିଲା। ପ୍ରାୟ ଏକଘଣ୍ଟା ଧରି ଏହା ଲାଗି ରହିଥିଲା । ଝଡ଼ବର୍ଷା ପରେ ଗୁଳଗୁଳିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି । ମାତ୍ର ଏହା ଦ୍ୱାରା ଅଞ୍ଚଳର ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି । ଖଳା ଏବଂ ମଣ୍ଡିରେ ରହିଥିବା ଧାନ ବର୍ଷାରେ ଭିଜିଥିବା ସୂଚନା ମିଳିଛି । ସେହିପରି ଝଡ଼ବର୍ଷା ଯୋଗୁ ସହରରେ ଦୀର୍ଘ ସମୟ ଧରି ବିଦ୍ୟୁତ ସେବା ମଧ୍ୟ ବ୍ୟାହତ ହୋଇ ପଡ଼ିଥିଲା ଏବଂ ସହରବାସୀଙ୍କୁ ଅନ୍ଧାରରେ ରହିବାକୁ ପଡ଼ିଥିଲା ।

# ୫୫ ୟୁନିଟ୍ ରକ୍ତ ସଂଗୃହୀତ

ବରଗଡ଼ ଅଫିସ୍,୧୬।୬

ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନ, ବରଗଡ଼ ଶାଖା ପକ୍ଷରୁ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଅନୁଷ୍ଠିତ ଏହି ଶିବିରକୁ ଅରୁଣ କୁମାର ଶତପଥୀ ଉଦଘାଟନ କରିଥିଲେ । ଶିବିରରେ ୫୫ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ପ୍ରକାଶ ମହାପାତ୍ର, ଶରତ ଚନ୍ଦ୍ର ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ ।




ଜିଲା ମୁଖ୍ୟ ଡାକ୍ତରଖାନାରେ ଅନୁଷ୍ଠିତ ରକ୍ତଦାନ ଶିବିର ।

### ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର କଲେ ସ୍ୱେଚ୍ଛାସେବୀ

ବରଗଡ଼ ଅଫିସ୍,୧୬।୬

ବରଗଡ଼-ସୋହେଲା ରାସ୍ତାର ଚକରକେନ୍ଦ ନିକଟ ଏକ ଘରୋଇ ଇଞ୍ଜିନିୟରିଂ କଲେଜ ପାଖରେ ଅସହାୟ ଅବସ୍ଥାରେ ପଡ଼ି ରହିଥିବା ଜଣେ ବୃଦ୍ଧାଙ୍କୁ ରବିବାର ସ୍ୱେଚ୍ଛାସେବୀମାନେ ଉଦ୍ଧାର କରିଛନ୍ତି । ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ତାଙ୍କୁ ଉଦ୍ଧାର କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ଉଦ୍ଧାର ହୋଇଥିବା ବୃଦ୍ଧାଙ୍କ ପରିଚୟ ମିଳିପାରିନାହିଁ । ନିଷ୍ଠାର ରୋହିତ ଜୟସ୍ୱାଲ ଏବଂ ଅନ୍ୟମାନେ ତାଙ୍କୁ ଉଦ୍ଧାର କରିଥିଲେ ।



ଯଦି ପକ୍ଷୀମାନଙ୍କର ଏକତା ରହେ,
ସେଠାରେ ସିଂହ ମଧ ହାର୍‌ମାନେ।
- ବ୍ଲେଜ୍ ପାସ୍‌କଲ୍

## ସଂକ୍ଷେପରେ

### ଲୁପ୍ତ କଳାର ପୁନରୁଦ୍ଧାର ହେଉ, କଳାକାରଙ୍କୁ ପ୍ରୋତ୍ସାହନ ମିଳୁ

**ବେଲପଡା,୧୬।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା ବ୍ଲକର ସରମୁହାଣ ଗ୍ରାମରେ ବେଲପଡା ବ୍ଲକ ଓ ତୁରେକେଲା ବ୍ଲକର ସଂକୀର୍ତ୍ତନ୍ୟ କଳାକାର ସମେତ ବିଭିନ୍ନ କଳାକାରମାନଙ୍କୁ ନେଇ ଏକ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଅମିତ ପୁଟେଲ ଏଥିରେ ସଭାପତିତ୍ୱ କରିଥିଲେ। କଳାକ୍ଷେତ୍ରରେ ହେଉଥିବା ବିଭିନ୍ନ ଅସୁବିଧା, କଳାକାରମାନଙ୍କ ବିଷୟରେ ସରକାର ଦୃଷ୍ଟି ଦେବା, କଳାକାର ପ୍ରୋତ୍ସାହନ ରାଶି ମିଳିବା ଉପରେ ଆଲୋଚନା ହୋଇଥିଲା। ଗ୍ରାମାଞ୍ଚଳର ବହୁ କଳା ଓ ଲୋକବାଦ୍ୟ ଲୋପ ପାଇଯାଉଛି। ଏଣୁ ତାହାର ପ୍ରଚାର ପ୍ରସାର ପାଇଁ ସରକାରୀ ପ୍ରୋତ୍ସାହନ ଆବଶ୍ୟକ। କଳାକାରଙ୍କୁ ଉପଯୁକ୍ତ ମୂଲ୍ୟ ପାଉ ନାହାନ୍ତି। କଳାକାରମାନେ ଅର୍ଥାଭାବ ଯୋଗୁ ଦୁର୍ଦ୍ଦିନରେ ରହୁଛନ୍ତି। ଏଣୁ ଲୋକକଳାର ପୁନରୁଦ୍ଧାର ସହ ସରକାର ପ୍ରୋତ୍ସାହନ ରାଶି ସହ ସମସ୍ତ କଳାକାରମାନଙ୍କୁ କଳାକାର ଭତ୍ତା ଦିଅନ୍ତୁ ବୋଲି ଏଥିରେ ମତ ପ୍ରକାଶ ପାଇଛି। ସଭାରେ ସୋମନାଥ ସେଠ, କୈଳାସ ଚନ୍ଦ୍ର ପାଢୀ, ରସରାଜ ବୁଡେକ, ନରେନ୍ଦ୍ର ମେହେର, ହଜାରୀ ମେହେର, ଗୁଣନିଧି ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

### ଗନ୍ଧମାର୍ଦ୍ଦନକୁ ବନ୍ୟଜନ୍ତୁ ସଂରକ୍ଷିତ ଅଞ୍ଚଳ ପ୍ରସ୍ତାବ

# ବିରୋଧ କଲେ ବିଭିନ୍ନ ସଙ୍ଗଠନ

**ଖପ୍ରାଖୋଲ, ୧୬।୬(ଡି.ଏନ.ଏ.)**

ବଲାଙ୍ଗୀର-ବରଗଡ ସୀମାନ୍ତରେ ଥିବା ଜୈବ ବିବିଧତା ଭରା ଐତିହାସିକ ତଥା ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ଗନ୍ଧମାର୍ଦ୍ଦନ ପର୍ବତକୁ ବନ୍ୟଜନ୍ତୁ ସଂରକ୍ଷିତ ଅଞ୍ଚଳ ଭାବେ ଘୋଷଣା କରାଯିବ। ବନ୍ୟପ୍ରାଣୀ ମୁଖ୍ୟ ସଂରକ୍ଷକ ଏ ନେଇ ପ୍ରସ୍ତାବ ମାଗିଛନ୍ତି। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଖପ୍ରାଖୋଲ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ନିଷ୍ପତ୍ତିର ପ୍ରତିବାଦ କରି ବନ୍ୟପ୍ରାଣୀ ମୁଖ୍ୟ ସଂରକ୍ଷକଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଏକ ଦାବିପତ୍ର ଖପ୍ରାଖୋଲ ବିଡିଓ ତରଣି ସୁନାଙ୍କୁ ପ୍ରଦାନ କରାଯାଇଛି । ସେହିପରି ହରିଶଙ୍କର ରେଞ୍ଜ ଅଧିକାରୀଙ୍କ ମାଧ୍ୟମରେ ବଲାଙ୍ଗୀର ଡିଏଫଓଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି।

ଗନ୍ଧମାର୍ଦ୍ଦନ ପର୍ବତକୁ ବନ୍ୟପ୍ରାଣୀ ସଂରକ୍ଷିତ ଅଞ୍ଚଳ ଘୋଷଣା ପାଇଁ ଓଡିଶା ସରକାରଙ୍କ ବନ୍ୟପ୍ରାଣୀ ମୁଖ୍ୟ ସଂରକ୍ଷକ ବରଗଡ ଏବଂ ବଲାଙ୍ଗୀର ଡିଏଫଓଙ୍କୁ ପ୍ରସ୍ତାବ ଦେଇଥିବା ନେଇ ଏକ ଖବର କାଗଜରେ ଖବର ପ୍ରସାରଣ ହୋଇଥିଲା। ଏହାକୁ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଖପ୍ରାଖୋଲ ଶାଖାର ଆବାହକ ଗୁପ୍ତେଶ୍ୱର କୁଅଁର, ଆଦିବାସୀ କଲ୍ୟାଣ ସଂଘ ସଭାପତି ବିପ୍ର ବିଶି, ଧରମ ସିଂ ଧରୁଆ, ଭଗବାନ ବେହେରା ପ୍ରମୁଖ ପ୍ରତିବାଦ ଜଣାଇଥିଲେ। ଜୈବ ବିବିଧତା ଭରା ଗନ୍ଧମାର୍ଦ୍ଦନ ପର୍ବତରେ ୩୨ରୁ ଊର୍ଦ୍ଧ୍ୱ ଚିରସ୍ରୋତା ଝରଣା, ୧୮ ହଜାରରୁ ଊର୍ଦ୍ଧ୍ୱ ପ୍ରଜାତିର ଜୀବନରକ୍ଷାକାରୀ ଔଷଧୀୟ ଗୁଳ୍ମଲତା ଥିବା ବେଳେ ପାହାଡର ଉଭୟ ପାର୍ଶ୍ୱରେ ଥିବା ଆଦିବାସୀ ତଥା ଅଧିବାସୀମାନେ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି। ସେହିପରି ଶହଶହ ପାରମ୍ପରିକ ବୈଦ୍ୟ ଔଷଧ ସଂଗ୍ରହ କରି ଲୋକଙ୍କ ଜୀବନ ରକ୍ଷା କରିଥାନ୍ତି। ହେଲେ ଏହାକୁ ବନ୍ୟ ପ୍ରାଣୀ ସଂରକ୍ଷିତ ଅଞ୍ଚଳ ଘୋଷଣା କରାଗଲେ ଉଭୟ ପାର୍ଶ୍ୱରେ ଥିବା ୫୦ରୁ ଊର୍ଦ୍ଧ୍ୱ ଗାଁ ପ୍ରଭାବିତ ହୋଇ ବିସ୍ଥାପିତ ହେବା ଆଶଙ୍କା ପ୍ରକାଶ ପାଇଛି । ସେହିପରି ଗନ୍ଧମାର୍ଦ୍ଦନ ପାହାଡରେ ବିଭିନ୍ନ ଧର୍ମୀୟସ୍ଥଳୀ ଥିବା ବେଳେ ଉଭୟ ପାର୍ଶ୍ୱରେ ନୃସିଂହନାଥ ଏବଂ ହରିଶଙ୍କର, କନ୍ଦ୍ରାଭଟା ଭଳି ଧର୍ମକ୍ଷେତ୍ର ରହିଛି । ବରଂ ବନ୍ୟଜନ୍ତୁ ସଂରକ୍ଷିତ ଅଞ୍ଚଳ ଘୋଷଣା ବଦଳରେ ବିଶ୍ୱ ଐତିହ୍ୟସ୍ଥଳ ଘୋଷଣା ସହିତ ଇକୋଟୁରିଜିମ କରାଗଲେ ପର୍ଯ୍ୟଟନ ଶିଳ୍ପର ବିକାଶ ହେବା ସହ ଅଞ୍ଚଳର ଜୈବବିବିଧତା ସୁରକ୍ଷିତ ରହିପାରିବ ବୋଲି ଦାବି କରିଛନ୍ତି। ଏ ନେଇ ହରିଶଙ୍କର ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରାଙ୍କୁ ପଚାରିବାରୁ ଗନ୍ଧମାର୍ଦ୍ଦନ ପାହାଡକୁ ବନ୍ୟଜନ୍ତୁ ସଂରକ୍ଷିତ ଅଞ୍ଚଳ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୬ମାସ ତଳେ ରିପୋର୍ଟ ଦେବାକୁ ପ୍ରସ୍ତାବ ଆସିଥିଲା। ତେବେ ଏହାକୁ ବିରୋଧ କରି ବିଭିନ୍ନ ସଂଗଠନ ତରଫରୁ ଏକ ଦାବିପତ୍ର ପ୍ରଦାନ କରିଛି ବୋଲି ସେ କହିଛନ୍ତି।

**ବନ୍ୟପ୍ରାଣୀ ମୁଖ୍ୟ ସଂରକ୍ଷକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**



ଗନ୍ଧମାର୍ଦ୍ଦନ ପର୍ବତକୁ ବନ୍ୟଜନ୍ତୁ ସଂରକ୍ଷିତ ଅଞ୍ଚଳ ପ୍ରସ୍ତାବକୁ ବିରୋଧ କରି ବିଡିଓ ତରଣୀ ସୁନାଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ଯମୁନାପାଲିକୁ ୧୦ ଦିନହେଲା ପାଇପ ଜଳ ଯୋଗାଣ ବନ୍ଦ

**ଖପ୍ରାଖୋଲ, ୧୬।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ ଅନ୍ତର୍ଗତ ଯମୁନାପାଲି ଗାଁରେ ଗତ ୧୦ ଦିନ ହେଲା ପାଇପ ଜଳ ଯୋଗାଣ ବନ୍ଦ ରହିଛି। ପ୍ରକଳ୍ପର ମୋଟର ପୋଡି ଯାଇଥିବାରୁ ଜଳ ଯୋଗାଣ ବନ୍ଦ ରହିଛି। ଗାଁରେ ଥିବା ନଳକୂଅଗୁଡିକରୁ ପାଣି ବାହାରୁ ନଥିବା ବେଳେ ପୋଖରୀରେ ମଧ୍ୟ ଆବଶ୍ୟକ ପାଣି ନାହିଁ । ଫଳରେ ପାନୀୟ ଜଳ ପାଇଁ ଲୋକେ ହଟହଟା ହେଉଛନ୍ତି। ମୋଟର ସଜାଡି ପାଣି ଯୋଗାଇ ଦେବା ପାଇଁ ପଞ୍ଚାୟତ ଓ ବ୍ଲକ କର୍ତ୍ତୃପକ୍ଷକୁ ଜଣାଇଲେ ବି କିଛି ଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୋଟର ସଜାଡିବା ଯାଏଁ ଗାଁକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ସରିତା କୁଜୁରୁଙ୍କୁ ପଚାରିବାରୁ ଗାଁର ମୋଟର ସଜାଡିବା ପାଇଁ ପଠାଯାଇଛି। ୨ ଦିନ ମଧ୍ୟରେ ସଜାଡି ଜଳଯୋଗାଣ ସ୍ୱାଭାବିକ କରାଯିବ। ଜରୁରୀ ପରିସ୍ଥିତିରେ ଗାଁକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବାକୁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି ବୋଲି ସେ କହିଛନ୍ତି।

# କରାଟେ, ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ବଲାଙ୍ଗୀର ଅଫିସ,୧୬।୬**

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ ବାସ୍କେଟବଲ ପଡିଆରେ ବଲାଙ୍ଗୀର କରାଟେ ସ୍କୁଲ ଆନୁକୂଲ୍ୟରେ ଚାଲିଥିବା ୧୨ତମ ଗ୍ରୀଷ୍ମକାଳୀନ କରାଟେ ଏବଂ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଛି । ଏହି ଶିବିରରେ ୨୩ ଜଣ ବାଳିକା ଓ ୫୪ ଜଣ ବାଳକ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଜିଲା କରାଟେ ସଂଘ ଉପସଭାପତି ଉମେଶ ନନ୍ଦ, ସମ୍ପାଦକ ମାନୁଏଲ ନାଗ ଓ କୋଷାଧ୍ୟକ୍ଷ ସରୋଜକାନ୍ତ ବେହେରା ଉପସ୍ଥିତ ଥିଲେ । ପ୍ରଶିକ୍ଷକ ହୃଦୟ ଶବର ଓ ଚନ୍ଦ୍ରଶେଖର ସେଠ ଶିବିରରେ ଗୁଣାତ୍ମକ କରାଟେ, ଲାଠିଚାଳନା, ଆତ୍ମରକ୍ଷା କୌଶଳ, ଯୋଗ ଓ ଶୃଙ୍ଖଳା ଜ୍ଞାନ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବଲାଙ୍ଗୀର କରାଟେ ସ୍କୁଲ ପକ୍ଷରୁ ବିଧାୟକ ମିଶ୍ର ଓ କୁଶଙ୍ଗ ହାଇସ୍କୁଲ ସହକାରୀ ଶିକ୍ଷକ ସୁବାସ ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶବର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ମିଶ୍ର ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଶିକ୍ଷକ ରାମ ନାରାୟଣ ଦାଶ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସଚିନ ବାଗ ଯାଦବ ଧନ୍ୟବାଦ ଦେଇଥିଲେ । ରବି ବେହେରା, ବୀରେନ ସାହୁ, ମୁନ୍‌ସି ସୋରେନ, ମୁରଲୀ ମୋହନ ମିଶ୍ର, ଅଶୋକ ସେଠ ସହଯୋଗ କରିଥିଲେ ।



ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ କରାଟେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀଛାତ୍ର ।

### ଦାରିଦ୍ର୍ୟ ଦୂରୀକରଣ କର୍ମଶାଳା

**ଖପ୍ରାଖୋଲ, ୧୬।୬(ଡି.ଏନ.ଏ.)**

ଖପ୍ରାଖୋଲ ପଞ୍ଚାୟତ ସମିତି ସଭାଗୃହଠାରେ ଫର୍ଡ ଫାଉଣ୍ଡେସନ ନୂଆଦିଲ୍ଲୀ ଏବଂ ଲୋକଦୃଷ୍ଟି ଖରିଆରର ମିଳିତ ଉଦ୍ୟମରେ ସରକାରଙ୍କ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଲୋକଦୃଷ୍ଟି ପ୍ରକଳ୍ପ ମୁଖ୍ୟ ଭୁବନେଶ୍ୱର ରାଉତ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ବିଡିଓ ତରଣି ସୁନା, ବିପିଏମ ମନୋଜ କୁମାର କେରକେଟା, ଧଣ୍ଡାମୁଣ୍ଡା ସମିତି ସଭ୍ୟ ଶୋଭନମୟ ମିଶ୍ର, ଅଶ୍ୱିନୀ କୁମାର ସାହୁ, ତପନ କଲାରି ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଉପରେ ଆଲୋକପାତ କରିଥିଲେ। ଖପ୍ରାଖୋଲ ଦାଦନ ପ୍ରବଣ ବ୍ଲକ ହୋଇଥିବାରୁ ପ୍ରତିବର୍ଷ ହଜାର ହଜାର ପରିବାର ବାହାର ରାଜ୍ୟକୁ କାମ ଅନ୍ୱେଷଣରେ ଯାଇ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ସରକାରଙ୍କ ଲୋକାଭିମୁଖୀ ଯୋଜନା ପ୍ରକୃତ ହିତାଧିକାରୀ ପାଖରେ ପହଞ୍ଚିଲେ ଦାରିଦ୍ର୍ୟ ଦୂରୀକରଣ ସମ୍ଭବ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ ସହିତ ଦାଦନ ଶ୍ରମିକଙ୍କ ପିଲାଙ୍କ ପାଇଁ ଖୋଲାଯାଉଥିବା ଋତୁକାଳୀନ ଛାତ୍ରାବାସ ଉପରେ ମଧ୍ୟ ଆଲୋଚନା ହୋଇଥିଲା। କର୍ମଶାଳାରେ ବିଭିନ୍ନ ବର୍ଗର ମହିଳାପୁରୁଷ ଉପସ୍ଥିତ ଥିଲେ।



ଚୋରମରା ଗ୍ରାମର ଲୋକେ ଜଙ୍ଗଲ ସୁରକ୍ଷା ପାଇଁ ଶପଥ ନେଇ ମେଳି ହୋଇଛନ୍ତି।

# ଜଙ୍ଗଲ ସୁରକ୍ଷା ପାଇଁ ଶପଥ ନେଲେ

**ଟିଟିଲାଗଡ଼,୧୬।୬ (ଡି.ଏନ.ଏ.)**

ତତଲାଗଡ ରୂପେ ପରିଚିତ ଟିଟିଲାଗଡ ଅଞ୍ଚଳର ପରିବେଶ ସୁରକ୍ଷା ପାଇଁ ପ୍ରଶାସନ, ବନବିଭାଗ ଓ ବିଭିନ୍ନ ସଂଗଠନ ଏକାଠି ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଚୋରମରା ଗ୍ରାମର ମହିଳାମାନେ ଜଙ୍ଗଲ ସୁରକ୍ଷା ପାଇଁ ବାହାରିଛନ୍ତି। ସ୍ଥାନୀୟ ମହିଳା ଗୋଷ୍ଠୀ ସଦସ୍ୟାମାନଙ୍କ ସହିତ ଶିଶୁ, ଯୁବକ, ବୃଦ୍ଧବୃଦ୍ଧା ଶୋଭାଯାତ୍ରାରେ ବାହାରିଥିଲେ। ଏମାନେ ୫୯-ଜାତୀୟ ରାଜପଥ କଡ ଚୋରମରା ଡୁଙ୍ଗରି ଗ୍ରାମ୍ୟ ଜଙ୍ଗଲ ପରିକ୍ରମା କରିଥିଲେ। ପରେ ସମସ୍ତେ ଗ୍ରାମରେ ଏକ ସଚେତନତା ସଭାରେ ସମ୍ମିଳିତ ହୋଇଥିଲେ। ଗ୍ରାମର ଗଉଁତିଆ ଦେଶାନ୍ତର ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ଗ୍ରାମବାସୀ ଜଙ୍ଗଲ ସୁରକ୍ଷା ନେଇ ବଜ୍ର ଶପଥ ନେଇଥିଲେ। ଏହି ଅଭିଯାନରେ ଗ୍ରାମର ଓମ୍‌ଶାନ୍ତି, ରତ୍ନେଶ୍ୱରୀ, ମା ଅନ୍ନପୂର୍ଣ୍ଣା, ମହାଲକ୍ଷ୍ମୀ, ଖର୍ସେଲବୁଢା, ଶ୍ରୀଦେବୀ, ମହାଶକ୍ତି, ଦିବ୍ୟଭାରତୀ, ମା' ଦୁର୍ଗା, ସୀତାରାମ ପ୍ରମୁଖ ମହିଳା ଗୋଷ୍ଠୀର ସଦସ୍ୟା, ଜୟଶ୍ରୀ ରାମ କମିଟିର କାହ୍ନୁ ଭୋଇ, ଆନନ୍ଦ ଭୋଇ, ନିଧି ରଣା, ଭିକ ରଣା, ବରୁଣ ରଣା, ଚିନ୍ତାମଣୀ ଜାନୀ, ଅଗସ୍ତି ରଣା, ବାଲଧର ରଣା, ହର ରଣା, ସମିତି ସଭ୍ୟା ସରସ୍ୱତୀ ନାଗ, ୱାର୍ଡ ସଦସ୍ୟ ନିଲେନ୍ଦ୍ରୀ ରଣା ପ୍ରମୁଖ ସାମିଲ ହୋଇଥିଲେ। ତେବେ ଗ୍ରାମବାସୀ ତଥା ମହିଳା ଗୋଷ୍ଠୀଙ୍କ ଏଭଳି ଉଦ୍ୟମକୁ ଟିଟିଲାଗଡ ସ୍ୱୟଂ ଶାସିତ ଡିଏଭି କଲେଜ ଅଧ୍ୟାପକ ତଥା ପରିବେଶ ବିତ୍ ଡ. ଦୋଳଗୋବିନ୍ଦ ବିଶି, ରେଞ୍ଜ ଅଧିକାରୀ ଜିତେନ୍ଦ୍ରୀୟ ନନ୍ଦ ପ୍ରମୁଖ ଉଚ୍ଚ ପ୍ରଶଂସା କରିଛନ୍ତି।

# ମାହେଶ୍ୱରୀ ସଂଗଠନର ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ

**ଲୋଇସିଂହା,୧୬।୬(ଡି.ଏନ.ଏ.)**

ଲୋଇସିଂହା ମାହେଶ୍ୱୀ ସଂଗଠନର ସଦସ୍ୟମାନେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ରବିବାର ସଫେଇ କରିଛନ୍ତି। ଏହାସହ ସ୍ୱାସ୍ଥ୍ୟ କେନ୍ଦ୍ରର ଆବଶ୍ୟକ ଚତୁର୍ଥ କର୍ମଚାରୀ ପଦ ପୂରଣ ପାଇଁ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀଙ୍କ ନିକଟରେ ଦାବି କରିଥିଲେ । ଦେବାଶିଷ ବିଶୋଇ, ରମେଶ ଭୁଏ, ନୟୁ ଖାନ, ରାକେଶ ବିଶୋଇ ପ୍ରମୁଖ ଏହି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇ ଏଠାରେ ରେ ଚିକିତ୍ସିତ ରୋଗୀଙ୍କ ପରିଜନମାନଙ୍କୁ ପରିବେଶ ସଫାସୁତରା ରଖିବାକୁ ପରାମର୍ଶ ଦେଇଥିଲେ।

# ମହିଳା ଖବରଦାତାଙ୍କୁ ନ୍ୟାୟ ମିଳୁ

**ବଲାଙ୍ଗୀର ଅଫିସ,୧୬।୬**

କଟକ ସହରରେ ଜଣେ ମହିଳା ଖବରଦାତାଙ୍କୁ କେନ୍ଦ୍ରପଡା ଏମ୍‌ପି ଅନୁଭବ ମହାନ୍ତି ଓ ତାଙ୍କ ଭାଇ ଅନୁପ୍ରାସ ମହାନ୍ତି ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଘଟଣାକୁ ବଲାଙ୍ଗୀରର ଗଣମାଧ୍ୟମ ପ୍ରତିନିଧି ଓ ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟମାନେ ତୀବ୍ର ବିରୋଧ କରିବା ସହ ରବିବାର ଅପରାହ୍ଣରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଭୁ କଲ୍ୟାଣ ଗଡତ୍ୟାଙ୍କ ଆବାହକତ୍ୱରେ ଗଣମାଧ୍ୟମ ପ୍ରତିନିଧି ଓ ବିଭିନ୍ନ ସଙ୍ଗଠନର ପ୍ରତିନିଧିମାନେ ଏମ୍‌ପି ଓ ତାଙ୍କ ଭାଇଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହି ବିକ୍ଷୋଭ ସମାବେଶରେ ୟୁଥ୍ ଆକ୍ସନ କମିଟି ସଭାପତି ବିନୋଦ କାଲସାଏ, ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍ ସଭାପତି ସୋମନାଥ ମିଶ୍ର, ନାଗରିକ କମିଟି ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆ, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ, ଗଣମାଧ୍ୟମ ପ୍ରତିନିଧି ସତ୍ୟସୁନ୍ଦର ଭଞ୍ଜ, ଶରତ ମହାକୁର, ସୁଧୀର ମିଶ୍ର, ଗୋପାଳ ପ୍ରଧାନ, ରଞ୍ଜିତ ବେହେରା, ପ୍ରଶାନ୍ତ ମହାକୁର, ଘଟେଶ୍ୱର ମିଶ୍ର, ବୀରେନ୍ଦ୍ର ଝାଙ୍କର, ମୁକେଶ ବହିଦାର, ବିଧାନ ବଳ ଓ ଅନ୍ୟମାନେ ମହିଳା ଖବରଦାତାଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ । ମହିଳା ଖବରଦାତା ଯେଭଳି ଅଭିଯୋଗ କରିଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ଏମାନେ କହିଥିଲେ । ସରକାର ତୁରନ୍ତ ଦୁଇ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମହିଳା ଖବରଦାତାଙ୍କ ପରିବାରବର୍ଗଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଦାବି କରାଯାଇଛି।

# ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା

**ଲୋଇସିଂହା,୧୬।୬(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ବାଦିମୁଣ୍ଡାସ୍ଥିତ ଷ୍ଟେଟ୍ ବିଗ୍ରେଡ ସ୍କୁଲଠାରେ ପଶ୍ଚିମ ଓଡିଶା ଷ୍ଟେଟ୍ ବିଗ୍ରେଡ ସ୍କୁଲ ସମୂହ ଏକ ଦିବସୀୟ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି । ପାଟଣାଗଡ ସ୍କୁଲର ନିର୍ଦ୍ଦେଶକ ଯୁଧିଷ୍ଠିର ଦାଶ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ସ୍କୁଲର ନିର୍ଦ୍ଦେଶକ କୈଳାସଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା । ସିଆରସିସି ରଜନୀକାନ୍ତ ପଟେଲ, ସିଆରସିସି ନୀଳକଣ୍ଠ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଶିକ୍ଷକ ବି.ଏନ. ଶ୍ରୀକାନ୍ତ ପଟ୍ଟନାୟକ ଗଣିତ, ବିଜ୍ଞାନ ଏବଂ ପାଟଣାଗଡର ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଶଶୀଭୂଷଣ ତ୍ରିପାଠୀ ସାହିତ୍ୟ ଓ ଇଂଲିଶ ବିଷୟରେ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

# ମହାରାଣୀ ସାଗର ନାଳା ପୁନରୁଦ୍ଧାର ପାଇଁ ନିର୍ଦ୍ଦେଶ

**ବଲାଙ୍ଗୀର ଅଫିସ,୧୬।୬**

ବଲାଙ୍ଗୀର ମ୍ୟୁନିସିପାଲିଟି ୧୮ ନମ୍ବର ୱାର୍ଡ ଅନ୍ତର୍ଗତ ତୁଲସୀନଗରପଡାରେ ମହାରାଣୀ ସାଗରର ଉଛୁଳା ପାଣି, କେନାଲ ଓ ଡ୍ରେନ୍ ଜବରଦଖଲ ସମସ୍ୟା ଗୁରୁତର ହୋଇପଡିଛି । ଫଳରେ ପ୍ରତିବର୍ଷ ସାମାନ୍ୟ ବର୍ଷା ହେଲେ ତୁଲସୀନଗରପଡା ଆୟୁର୍ବେଦିକ କଲେଜ ରାସ୍ତା ଏକପ୍ରକାର ବନ୍ଦ ହୋଇପଡିବା ସହ ବର୍ଷା ଓ ଡ୍ରେନ୍ ପାଣି ଘରକୁ ପଶିବା ସାଧାରଣ କଥା ହୋଇପଡିଛି । ଦୁଇଦିନ ତଳେ ସାମାନ୍ୟ ବର୍ଷା ହେବା ପରେ ପୁଣି ଥରେ ଏହି ସମସ୍ୟା ଦେଖା ଦେଇଛି। ବର୍ଷା ଓ ଡ୍ରେନ୍ ପାଣି ଲୋକଙ୍କ ଘରକୁ ପଶିବା ପରେ ଅତିଷ୍ଠ ମହିଳା ଓ ଜନସାଧାରଣ ଶନିବାର ବିଧାୟକ ନରସିଂହ ମିଶ୍ରଙ୍କ ଆବାସିକ କାର୍ଯ୍ୟାଳୟକୁ ଯାଇ ସାକ୍ଷାତ କରିବା ସହ ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ଅନୁରୋଧ କରିଥିଲେ । ଲୋକଙ୍କଠାରୁ ଏଭଳି ସମସ୍ୟା ସମ୍ପର୍କରେ ଶୁଣିବା ପରେ ବିଧାୟକ ମିଶ୍ର ରବିବାର ଘଟଣାସ୍ଥଳ ପରିଦର୍ଶନ କରିବେ ବୋଲି କହିଥିଲେ। ରବିବାର ପୂର୍ବାହ୍ଣରେ ବିଧାୟକ ମିଶ୍ର ତୁଲସୀନଗର ଆୟୁର୍ବେଦିକ କଲେଜ ରାସ୍ତାକୁ ଯାଇ ସେଠାକାର ସ୍ଥିତି ତଦାରଖ କରିଥିଲେ। ବିଧାୟକଙ୍କ ନିର୍ଦ୍ଦେଶ ମୁତାବକ ଘଟଣାସ୍ଥଳରେ ପୌର ନିର୍ବାହୀ ଅଧିକାରୀ ବିପିନ ଦୀପ ଓ ଅନ୍ୟ କର୍ମଚାରୀ ମଧ ଉପସ୍ଥିତ ଥିଲେ। ସେଠାରେ ଉପସ୍ଥିତ ଲୋକଙ୍କ ସହ ବିଧାୟକ ମିଶ୍ର ଆଲୋଚନା କରିଥିଲେ। ଶୀଘ୍ର କିଭଳି ଏଠାରେ ନାଳର ପୁନରୁଦ୍ଧାର କରି ବର୍ଷା ଓ ଡ୍ରେନ୍‌ପାଣି ନିଷ୍କାସନ ହୋଇପାରିବ ସେ ଦିଗରେ ପଦକ୍ଷେପ ନେବାକୁ ପୌର ନିର୍ବାହୀ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ମହାରାଣୀ ସାଗରର ଉଛୁଳା ପାଣି ନିଷ୍କାସନ ଓ ପଡାର ଡ୍ରେନ୍ ପାଣି ଯିବା ପାଇଁ ଏକ ବଡ କେନାଲ ରହିଥିଲା। ମହାରାଣୀସାଗରରୁ ବାହାରିଥିବା ଏହି କେନାଲଟି ବିଷ୍ଣୁମୁଣ୍ଡା ପର୍ଯ୍ୟନ୍ତ ଯାଇଥିଲା । ତେବେ ଜବରଦଖଲ ସମସ୍ୟା କାରଣରୁ ଏହି କେନାଲଟି ଏବେ ତୁଲସୀନଗରଠାରୁ ସତ୍ତା ହରାଇଛି । ଫଳରେ ପ୍ରାୟ ପ୍ରତିବର୍ଷ ଏଠାରେ ସାମାନ୍ୟ ବର୍ଷା ହେଲେ ପାଣି ନିଷ୍କାସିତ ହୋଇ ନ ପାରି ଲୋକଙ୍କ ଘର ଭିତରକୁ ପଶିଯାଉଛି। କେନାଲ ସତ୍ତା ହରାଇବା ପରେ ବର୍ଷା ପାଣି ଓ ଡ୍ରେନ୍ ପାଣି ଆୟୁର୍ବେଦିକ କଲେଜ ଭିତର ଦେଇ ନିଷ୍କାସିତ ହେଉଥିଲା । ଏବେ ଆୟୁର୍ବେଦିକ କଲେଜ ଭିତରେ ହସ୍ପିଟାଲ କୋଠା ତିଆରି ହେବା ପରେ ଏହି ପାଣି ସେହି ବାଟ ଦେଇ ଯାଇ ନ ପାରି ରାସ୍ତା ଉପରେ ଜମା ହୋଇ ରହୁଛି । ଅନେକ ଦିନ ଜମା ହୋଇ ରହିବା ପରେ ଏହା ଦୁର୍ଗନ୍ଧ ହେଉଛି । ଘର ଭିତରକୁ ପାଣି ପଶିବା ପରେ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୂର୍ବରୁ ଏଠାରେ ଡ୍ରେନ୍ ନିର୍ମାଣ କରାଯିବାକୁ ୨୪ ଲକ୍ଷ ଟଙ୍କାର ବିଆରଜିଏଫ୍ ଅନୁଦାନ ଆସିଥିଲା । ମାତ୍ର ଜବରଦଖଲ ଉଚ୍ଛେଦ ହୋଇ ନ ପାରିବାରୁ ଏଠାରେ ଡ୍ରେନ୍ ନିର୍ମାଣ ହୋଇପାରି ନ ଥିଲା। ମ୍ୟୁନିସିପାଲିଟିର ଅବହେଳା କାରଣରୁ ଏହି ଅନୁଦାନ କାର୍ଯ୍ୟକାରୀ ହୋଇପାରି ନ ଥିଲା । ସେହିଦିନରୁ ଏହି ସମସ୍ୟା ରହିଥିଲେ ମଧ୍ୟ ମ୍ୟୁନିସିପାଲଟି ଏ ଦିଗରେ ପଦକ୍ଷେପ ନେଉନାହିଁ । ରବିବାର ବିଧାୟକ ମିଶ୍ର ଏଠାକାର ଡ୍ରେନ୍ ପୁନରୁଦ୍ଧାର କରିବାକୁ ପୌର ନିର୍ବାହୀ ଅଧିକାରୀ ଦୀପଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖୁବଶୀଘ୍ର ଏ ଦିଗରେ ପଦକ୍ଷେପ ନେବେ ବୋଲି ନିର୍ବାହୀ ଅଧିକାରୀ ଦୀପ ପ୍ରତିଶ୍ରୁତି ଦେଇଛନ୍ତି । ବିଧାୟକ ମିଶ୍ରଙ୍କ ପରିଦର୍ଶନ ସମୟରେ ପୌର ନିର୍ବାହୀ ଅଧିକାରୀ, ସଫେଇ କର୍ମଚାରୀଙ୍କ ସହ ନଗର କଂଗ୍ରେସ ଉପସଭାପତି ମାନସ ମହାନ୍ତି, ଜିଲା ସଂଗଠନ ସମ୍ପାଦକ ସଞ୍ଜୟ ମିଶ୍ର, ଟିଟୁ ରଣା, ପୂର୍ବତନ କାଉନସିଲର ନିଶିକାନ୍ତ କୁମ୍ଭାର, ସୁରେନ୍ଦ୍ର ଅଶ୍ୱପାଲ, ଟିକଲ ପୁଟେଲ, ହରେକୃଷ୍ଣ ଆଡଜୁଆଡ ପ୍ରମୁଖ ଉପସ୍ଥିତ ଥିଲେ।

- ତୁଳସୀନଗରରେ ଘରେ ପଶୁଛି ବର୍ଷା ନର୍ଦ୍ଦମା ପାଣି
- ବିଧାୟକ ନରସିଂହ ମିଶ୍ର ବୁଲି ଦେଖିଲେ
- ପୌର ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ହେଲା ଆଲୋଚନା





ବିଧାୟକ ନରସିଂହ ମିଶ୍ର ତୁଲସୀନଗର ଆୟୁର୍ବେଦିକ କଲେଜ ରାସ୍ତା ପରିଦର୍ଶନ କରୁଛନ୍ତି (ବାମ)। ପୋତି ହୋଇଯାଇଥିବା ମହାରାଣୀସାଗର ଡ୍ରେନ୍।



ଜ୍ଞାନର ଅଭାବ ହେଲେ ପ୍ରକୃତ
ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ



### ଏଟିଏମ୍ ଲୁଟ୍ ଉଦ୍ୟମ ବିଫଳ

**ଭବାନୀପାଟଣା,୧୬।୬ (ଡି.ଏନ.ଏ.)-** ଭବାନୀପାଟଣା ସହରରେ ଦିନକୁ ଦିନ ଚୋରୀ, ରାହାଜାନୀ, ଲୁଟ ଭଳି ଘଟଣା ଘଟି ଚାଲିଛି। ଦୁର୍ବୃତ୍ତ ଧରାପଡୁନି କି ଚୋରୀ ସାମଗ୍ରୀ ମଧ ମିଳୁନାହିଁ। ଏଭଳି ସମୟରେ ଗତ ଶନିବାର ବିଳମ୍ବିତ ରାତିରେ ସହରର ଭବାନୀ ଟକିଜ୍ ନିକଟରେ ଥିବା ଏଟିଏମ୍ ଲୁଟ କରିବା ପାଇଁ ଉଦ୍ୟମ କରି ଚୋରମାନେ ବିଫଳ ହୋଇ ଫେରାର ହୋଇଯାଇଥିବା ଜଣାପଡିଛି। ଏକ ଲୁହା ରଡରେ ଏଟିଏମ୍‌ର କବାଟ ତାଡି ଟଙ୍କା ଲୁଟ କରିବା ପାଇଁ ଉଦ୍ୟମ କରୁଥିବା ବେଳେ ଏଟିଏମ୍‌ରେ ଥିବା ସାଇରନ୍ ବାଜିବାରୁ ଦୁର୍ବୃତ୍ତମାନେ ଭୟରେ ସେଠାରୁ ଚାଲିଯାଇଥିଲେ । ଖବର ପାଇ ଟାଉନ ଥାନା ଆଇଆଇସି ସତ୍ୟ କୁମାର ନନ୍ଦ ସଦଳବଳେ ଏଟିଏମ୍ ନିକଟରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଚୋରମାନେ ବ୍ୟବହାର କରିଥିବା ଲୁହା ରଡକୁ ଜବତ୍ କରି ତଦନ୍ତ ଜାରି ରଖିଛନ୍ତି ।

କେସିଙ୍ଗାରେ ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟ ପ୍ରତିଷ୍ଠା ଦାବି

# ସ୍ଥାନ ନିରୂପଣ ଶେଷ, କାର୍ଯ୍ୟକ୍ଷମକୁ ଅପେକ୍ଷା

**କେସିଙ୍ଗା,୧୬।୬ (ଡି.ଏନ.ଏ.)**

■ ଉଚିତ ମୂଲ୍ୟ ପାଇ ପାରୁନାହାନ୍ତି ଚାଷୀ
■ କ୍ଷେତ୍ର ପରିଦର୍ଶନ କରିଥିଲେ ସିଡିଭିଓ, ଜିଏମ୍

ପଶ୍ଚିମ ଓଡିଶାର କଳାହାଣ୍ଡି ଜିଲା କେସିଙ୍ଗା ସହର ଏକ ବ୍ୟବସାୟୀକ ପେଣ୍ଠ ସ୍ଥଳି ଭାବେ ପରିଚିତ । ଏହି ସହରରେ ଶିଳ୍ପ କାରଖାନା, ରାଇସ ମିଲ, ଦୋକାନ ବଜାର, ସ୍କୁଲ, କଲେଜ, ହସ୍ପିଟାଲ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଥିବା ବେଳେ କେସିଙ୍ଗା ବ୍ଲକର ୨୬ଟି ଗ୍ରାମପଞ୍ଚାୟତର ସମସ୍ତ ଲୋକେ ଏହି ସହରରେ ନିର୍ଭର କରିଥାନ୍ତି । କେସିଙ୍ଗା ସହରର ଲୋକ ସଂଖ୍ୟା ଦୃଷ୍ଟିରୁ ଦୈନିକ କ୍ଷୀରର ଆବଶ୍ୟକତା ଓ ଚାହିଦା ରହିଛି । ଏହି ବ୍ଲକର ୨୬ଟି ଗ୍ରାମପଞ୍ଚାୟତ ଓ ଏନଏସି ସହିତ ୮ହଜାର ଗାଈ ଓ ୨୭ ଶହ ମଇଷି ଥିବାରୁ ଦୈନିକ ଦୁଗ୍ଧ ଚାଷୀମାନେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଲିଟର କ୍ଷୀର ଉତ୍ପାଦନ କରୁଛନ୍ତି । ଗ୍ରାମାଞ୍ଚଳର ଦୁଗ୍ଧ ଚାଷୀମାନେ କେସିଙ୍ଗା ସହରକୁ ନେଇ ଚା ଦୋକାନ, ହୋଟେଲ, ଘର ଘର ବୁଲି ଯୋଗାଣ କରିଥାନ୍ତି । ଚାଷୀମାନେ ଗାଈ, ମଈଷୀଠାରୁ ଦୁଗ୍ଧ ସଂଗ୍ରହ କରିଥାନ୍ତି । କିନ୍ତୁ କେସିଙ୍ଗା ସହରରେ ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟ ନ ଥିବାରୁ ଚାଷୀମାନେ ଉଚିତ ମୂଲ୍ୟ ପାଇ ପାରୁ ନାହାନ୍ତି । ଏହି ସହରରେ ଶୀତଳୀକରଣ (ଚିଲିଂ ପ୍ଲାଣ୍ଟ) ସ୍ଥାପନ କରିବା ପାଇଁ ବହୁବର୍ଷ ଧରି ଚାଷୀମାନେ ପ୍ରାଣୀ ଚିକିତ୍ସା ବିଭାଗ ଉଚ୍ଚ ପଦାଧିକାରୀଙ୍କ ନିକଟରେ ଦାବି କରି ଆସୁଛନ୍ତି । ଚାଷୀମାନେ କ୍ଷୀରର ଉଚିତ ମୂଲ୍ୟ ପାଇ ପାର ନାହାନ୍ତି । ଓମଫେଡ ପକ୍ଷରୁ ଏଠାରେ ଶୀତଳୀକରଣ ବା ଚିଲିଂ ପ୍ଲାଣ୍ଟ ସ୍ଥାପନ କଲେ ଚାଷୀମାନେ କ୍ଷୀରର ଉଚିତ ମୂଲ୍ୟ ପାଇ ପାରନ୍ତେ । କେସିଙ୍ଗା ସହରରେ ଦୁଗ୍ଧ ଶୀତଳୀକରଣ ବା ଚିଂ ପ୍ଲାଣ୍ଟ ନ ଥିବାରୁ ଦୁଗ୍ଧ ସଂଗ୍ରହ କରୁଥିବା ଚାଷୀମାନେ ଲିଟର ପ୍ରତି ୨୫ରୁ ୩୦ ଟଙ୍କା ଦରରେ ବିକ୍ରି କରି କ୍ଷତି ସହି ଆସୁଛନ୍ତି । ଏହି ସମସ୍ୟା ଉପଲବ୍ଧ କରି ପ୍ରାଣୀ ଚିକିତ୍ସା ବିଭାଗ ସିଡିଭିଓ ଏବଂ ଓମଫେଡର ଜେନେରାଲ ମ୍ୟାନେଜର ଗତ ଏପ୍ରିଲ ୨୭ ତାରିଖରେ କେସିଙ୍ଗାସ୍ଥିତ ପ୍ରାଣୀ ଚିକିତ୍ସାଳୟ ପରିଦର୍ଶନ କରି ସ୍ଥାନ ନିରୁପଣ କରାଯାଇଛି। କିନ୍ତୁ କେବେ ଦୁଗ୍ଧ ଶୀତଳୀକରଣ (ଚିଲିଂ ପ୍ଲାଣ୍ଟ) ସ୍ଥାପନ କରାଯିବ ତାହାକୁ ଚାଷୀମାନେ ଅପେକ୍ଷ କରି ରହିଛନ୍ତି । କେସିଙ୍ଗା ବ୍ଲକଠାରୁ ୨୫ କି.ମି. ଦୂରରେ ଥିବା ତୁଣ୍ଡଲା ଦୁଗ୍ଧ ସମବାୟ ସିମିତି ଅଧୀନରେ ୧୩୧ ଜଣ ଚାଷୀଙ୍କଠାରୁ ୬ ହଜାର ୪ଶହ ଲିଟର କ୍ଷୀର ବିଭିନ୍ନ ଗ୍ରାମାଞ୍ଚଳରୁ ସଂଗ୍ରହ କରାଯାଇ ତୁଣ୍ଡଲା ଚିଲିଂ ପ୍ଲାଣ୍ଟରେ ଦୁଗ୍ଧ ଶୀତଳୀକରଣ କରାଯାଇ ଏକ ଟ୍ୟାଙ୍କର ଯୋଗେ ଭବାନୀପାଟଣାସ୍ଥିତ ଓମଫେଡକୁ ଦୈନିକ ପଠାଯାଇଥାଏ। କେସିଙ୍ଗା ସହରଠାରୁ ୨୫ କି.ମି. ଦୂରରେ ଥିବା ତୁଣ୍ଡଲା ଗ୍ରାମରେ ଥିବା ଆଖପାଖ ଅଞ୍ଚଳର ୧୩୧ ଜଣ ଚାଷୀମାନେ ଏକତ୍ରିତ ହୋଇ ଦୁଗ୍ଧ ସମବାୟ ସମିତି ସ୍ଥାପନ କରି ଓମଫେଡ ଓ ପ୍ରାଣୀ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନାରେ ଦୁଗ୍ଧ ଚାଷୀମାନେ ସୁବିଧା ପାଇ ଆସୁଛନ୍ତି। କିନ୍ତୁ କେସିଙ୍ଗା ଭଳି ଏକ ବ୍ୟବସାୟକ ପେଣ୍ଠସ୍ଥଳିରେ ବର୍ତ୍ତମାନ ସୁଦ୍ଧା ଦୁଗ୍ଧ ଶୀତଳୀକରଣ ବା ଚିଲିଂ ପ୍ଲାଣ୍ଟ ସ୍ଥାପନ କରାଯାଇ ନ ଥିବାରୁ ଦୁଗ୍ଧ ଚାଷୀମାନେ ହଇରାଣ ହେଉଛନ୍ତି । ଏ ନେଇ କେସିଙ୍ଗା ପ୍ରାଣୀ ଚିକିତ୍ସାଳୟର ଭିଏସ ଡ. ପରମାନନ୍ଦ ନାଏକଙ୍କୁ ପଚାରିବାରୁ ପ୍ଲାଣ୍ଟ ହେବା ପାଇଁ ସ୍ଥାନ ନିରୁପଣ ହୋଇ ସାରିଛି । କେସିଙ୍ଗା ସହରରେ ଏକ ଦୁଗ୍ଧ ଶୀତଳୀକରଣ ବା ଚିଲିଂ ପ୍ଲାଣ୍ଟର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ ।



ତୁଣ୍ଡଲା ଦୁଗ୍ଧ ଶୀତଳୀକରଣ ଚିଲିଂ ପ୍ଲାଣ୍ଟରୁ କେସିଙ୍ଗା ଦେଇ ଭବାନୀପାଟଣାକୁ ଟ୍ୟାଙ୍କର ଯୋଗେ ଦୁଗ୍ଧ ନିଆଯାଉଛି ।

## ଯୁବକଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

**କୁନାଗଡ,୧୬।୬ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ସହର ଥାନା ସମ୍ମୁଖରେ ଥିବା ପୁରୁଣା ବସଷ୍ଟାଣ୍ଡ ସାହୁପଡାର ଜଣେ ଯୁବକ ଶନିବାର ରାତିରେ ନିଜ ଲୁଙ୍ଗି ସାହାଯ୍ୟରେ ବେକରେ ଫାସ ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ପୋଲିସ ସୂତ୍ରରୁ ପ୍ରକାଶ ସାହୁପଡାର ସୁବ୍ରତ ସାହୁ (୨୩) ଶନିବାର ରାତିରେ ଖାଇସାରି ଶୋଇବାକୁ ଯାଇଥିଲେ। ରବିବାର ସକାଳେ ଶୋଇବା ଘରୁ ସୁବ୍ରତ ନ ବାହାରିବାରୁ ପରିବାର ଲୋକେ କବାଟ ଭାଙ୍ଗିଥିଲେ। ଏହି ସମୟରେ ସୁବ୍ରତ ନିଜ ଲୁଙ୍ଗିକୁ ଫାସ କରି ସିଲିଙ୍ଗ ଫ୍ୟାନରେ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ପୋଲିସ ଆସି ମୃତଦେହ ଉଦ୍ଧାର କରିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ୯ନଂ.୮/୨୦୧୯) ରୁଜୁ ହୋଇଛି। କେଉଁ କାରଣରୁ ଯୁବକ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ତଦନ୍ତ ପରେ କାରଣ ଜଣାପଡିବ ବୋଲି ତଦନ୍ତକାରୀ ଅଫିସର ସାବିତ୍ରୀ ପ୍ରଧାନ କହିଥିଲେ।

## ପାଣିରେ ବୁଡ଼ି ଦେଢ଼ବର୍ଷର ଶିଶୁ ଗୁରୁତର

**ଭବାନୀପାଟଣା,୧୬।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଅନ୍ତର୍ଗତ ଲଙ୍ଗଳବେଡା ଗ୍ରାମର ସାନ ମାଝିଙ୍କ ଦେଢବର୍ଷର ଶିଶୁ ପୁତ୍ର ଦିପକ ଶନିବାର ନାଳ ପାଣିରେ ବୁଡିଯିବାରୁ ଗୁରୁତର ହୋଇପଡିଛନ୍ତି। ତାଙ୍କୁ ଉଦ୍ଧାର କରାଯାଇ ଲାଞ୍ଜିଗଡ ବେଦାନ୍ତ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସାନ ମାଝି ବେଦାନ୍ତକୁ କାମ କରି ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ଧାନ କାଟିବାକୁ ଯାଇଥିଲେ। ଏହି ସମୟରେ ତାଙ୍କ ଅନ୍ୟ ଝିଅପୁଅମାନେ ଦୀପକଙ୍କୁ ଧରି ଅପରାହ୍ନ ୨ଟାରେ ନିକଟସ୍ଥ ନାଳକୁ ଗାଧୋଇବା ପାଇଁ ଯାଇଥିଲେ।

ଦିପକଙ୍କୁ ନାଳ ତଟରେ ବସାଇ ଗାଧୋଇବା ସମୟରେ ସେ ପାଣିରେ ବୁଡି ଯାଇଥିଲେ। ପରେ ଗାଁ ଲୋକଙ୍କ ସହାୟତାରେ ଉଦ୍ଧାର କରି ଲାଞ୍ଜିଗଡ ସରକାରୀ ଡାକ୍ତରଖାନାରୁ ନିଆଯାଇଥିଲା। ସେଠାରୁ ତାଙ୍କୁ ବେଦାନ୍ତ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାର ପ୍ରାଥମିକ ଚିକିତ୍ସା ପରେ ଅପରାହ୍ନ ୬ ଟାରେ ଭବବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ପଠାଇ ଦିଆଯାଇଥିବା ଜଣାଯାଇଛି।



### ଦ୍ୱିତୀୟ ଦିବସରେ ରଜ ମଉଜ ଉତ୍ସବ

**ପଲମ,୧୬।୬ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଟକର୍ଲା ପଞ୍ଚାୟତସ୍ଥିତ ଆଲିମ ଗ୍ରାମରେ ଶନିବାର ଦ୍ୱିତୀୟ ଦିନରେ ରଜମଉଜ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ କୁଆଁରୀ ଝିଅ ତଥା ମହିଳାମାନେ ଏକତ୍ରିତ ହୋଇ ନିକଟସ୍ଥ ବରଗଛ ମୂଳରେ ପୂଜାର୍ଚ୍ଚନା କରିଥିଲେ। ପୂଜା କାର୍ଯ୍ୟ ସମାପନ ପରେ କୁଆରୀ ଝିଅମାନେ ଦୋଳିରେ ବସି ନାନା ପ୍ରକାର ଗୀତ ଗାଇ ଦୋଳିରେ ଝୁଲିଥାନ୍ତି। କୁଆଁରୀ ଝିଅ ତଥା ମହିଳାମାନେ ମାସକୁ ଥରେ ରଜୋବତୀ ହେଉଥିଲେ ହେଁ ଧରାତ୍ରୀ ମାତା ବର୍ଷକୁ ଥରେ ରଜବତୀ ହୋଇଥାନ୍ତି। ମା'ଙ୍କ ସମ୍ମାନ ପୂର୍ବକ ଏହି ଉତ୍ସବ ପାଳନ କରିବା ପାଇଁ କୁଆଁରୀ ଝିଅମାନେ ଆକୃଷ୍ଟ ହୋଇଥାନ୍ତି। ଏହି ପାଳନ ଉତ୍ସବରେ ଅନେକ ପ୍ରକାର ଫଳମୂଳ, ଖିରି ଖେଚୁଡି ପ୍ରସ୍ତୁତ କରି ଦର୍ଶକମାନଙ୍କୁ ଖାଇବାକୁ ଦେଇଥାନ୍ତି। ଅନେକ ପ୍ରକାର ଖେଳ କୁଦ ପାଇଁ ଝିଅମାନେ ନିଜ ମଧରେ ବାଜି ଲଗାଇଥାନ୍ତି । ଏହି ପର୍ବ କରିବା ଦ୍ୱାରା କୁଆଁରୀ ଝିଅମାନଙ୍କର ମିଶ୍ରଣ ପର୍ବ ବୋଲି ମଧ କୁହାଯାଇଥାଏ ।

ଭବାନୀପାଟଣା ବିଧାୟକଙ୍କୁ ସମ୍ବର୍ଦ୍ଧନା

## କଳାହାଣ୍ଡି ବିକାଶ ଲାଗି ଲଢ଼େଇ କରିବି

**କୁନାଗଡ,୧୬।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ଅଗ୍ରସେନ ଭବନଠାରେ ରବିବାର ଅପରାହ୍ନରେ ଭବାନୀପାଟଣା ବିଧାୟକ ତଥା ଜିଲା ଭାଜପା ସଭାପତି ପ୍ରଦୀପ୍ତ କୁମାର ନାଏକଙ୍କୁ ଦଳୀୟ କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ଲୋକେ ଭବ୍ୟ ସମ୍ବର୍ଦ୍ଧନା ଦେଇଛନ୍ତି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ନାଏକ ଯୋଗଦେଇ କଳାହାଣ୍ଡି ଜିଲାର ବିକାଶ ପାଇଁ ସେ ସବୁବେଳେ ବିଧାନସଭାରେ ଲଢେଇ କରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ଜିଲା ସାଧାରଣ ସମ୍ପାଦକ ଯୁଗୋଲ ପୋଦ୍ଦ, ଜିଲା ସମ୍ପାଦକ ରୁପେଶ କୁମାର ଜୈନ, ଜିଲା ସାଧାରଣ ସମ୍ପାଦକ ପ୍ରତାପ ବାଗ, ଜୁନାଗଡ ନଗର ସଭାପତି କାଳିନ୍ଦ୍ରୀ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ଶିବରାମ ରାଉତ, ପୂର୍ବତନ ନଗର ସଭାପତି, ଅଜାମିଲ ପୂଝାରୀ, ସୀମାଞ୍ଚଳ ବୈଠାରୁ, ପିଣ୍ଟୁ ଖେମକା, ବରିଷ୍ଠ ଆଇନଜୀବୀ ଅଶୋକ ପାତ୍ର ପ୍ରମୁଖ ସହ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲା ସାଧାରଣ ସମ୍ପାଦକ ମୁକେଶ ଅଗ୍ରୱାଲ ମଞ୍ଚ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଜିଲାର ୫ଟି ଆସନ ମଧ୍ୟରୁ ୪ଟି ଆସନରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିବାବେଳେ ଭବାନୀପାଟଣାରେ ଭାଜପା ପ୍ରାର୍ଥୀ ପ୍ରଦୀପ୍ତ ନାଏକ ବିଜୟୀ ହୋଇଥିଲେ।



ଜୁନାଗଡ ଅଗ୍ରସେନ ଭବନଠାରେ ପ୍ରଦୀପ୍ତଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ବିଦ୍ୟୁତ୍ ଆଘାତରେ କର୍ମଚାରୀଙ୍କ ମୃତ୍ୟୁ

**ଭବାନୀପାଟଣା,୧୬।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ପାଡେପଦର ପଞ୍ଚାୟତ ଅନ୍ତର୍ଗତ ଫୁଙ୍କିଜାଲ ଗାଁର ତୁଳାରାମ ମାଝି ଗଞ୍ଜାମ ଜିଲା ଦିଗପହଣ୍ଡି ସହରରେ ବିଦ୍ୟୁତ୍ କାମ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ଘଟିଛି। ସୂଚନା ମୁତାବକ, ଗଞ୍ଜାମ ଜିଲା ଦିଗପହଣ୍ଡିଠାରେ ଲେଜର୍ କମ୍ପାନୀ ଦାୟିତ୍ୱରେ ଥିବା ବିଦ୍ୟୁତ୍ ଯୋଗାଣ କାର୍ଯ୍ୟରେ ମଧୁ ମାଝିଙ୍କ ପୁଅ ତୁଳାରାମ କୁଲି ଭାବେ ବହୁଦିନରୁ କରୁଥିଲେ। ଗତ ବୁଧବାର ବିଦ୍ୟୁତ୍ କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇ ପଡିଥିଲେ। ତୁଳାରାମଙ୍କୁ ବ୍ରହ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଭୁବନେଶ୍ୱର ସିଟି ଇନ୍ ଫୋ ପୋଲିସ ଡାକ୍ତରଖାନାରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ମୃତକଙ୍କ ପରିବାରକୁ କମ୍ପାନୀ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଖବର ପାଇ ପାଡେପଦର ସରପଞ୍ଚ ମଣିଦେଇ ମାଝି, ସମିତି ସଭ୍ୟ ଜୁଲୁ ମାଝି ଓ ସୁଶୀଲ କୁମାର ନାଏକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।




ବିଶ୍ୱ ବରିଷ୍ଠ ନାଗରିକ ନିର୍ଯାତନା ସଚେତନତା ଦିବସରେ ଆୟୋଜିତ ଶୋଭାଯାତ୍ରା।

ବରିଷ୍ଠ ନାଗରିକ ନିର୍ଯାତନା ସଚେତନତା ଦିବସ

## ବରିଷ୍ଠ ନାଗରିକ ସଂଘର ଶୋଭାଯାତ୍ରା, ବୈଠକ

**ଭବାନୀପାଟଣା,୧୬।୬(ଡି.ଏନ.ଏ.)**

ବରିଷ୍ଠ ନାଗରିକ ସଂଘ କଳାହାଣ୍ଡି ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ କଳାହାଣ୍ଡି ସହାୟତାରେ ବିଶ୍ୱ ବରିଷ୍ଠ ନାଗରିକ ନିର୍ଯାତନା ସଚେତନ ଦିବସ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଶନିବାର ପାଳିତ ହୋଇଯାଇଛି। ସକାଳ ୭ ଟାରେ ଜିଲା ବରିଷ୍ଠ ନାଗରିକମାନଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ବିଜୁକଲ୍ୟାଣ ମଣ୍ଡପଠାରେ ପହଞ୍ଚିଥିଲା। ସକାଳ ୯ଟାରେ କଲ୍ୟାଣ ମଣ୍ଡପଠାରେ ବରିଷ୍ଠ ନାଗରିକ ସଂଘ ସଭାପତି ବିଜୟ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ବିଶ୍ୱ ବରିଷ୍ଠ ନାଗରିକ ସଚେତନତା ଦିବସ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧିକାରୀ ଭୋଳାନାଥ ନାୟକ, ଭବାନୀପାଟଣା ଟାଉନ ଥାନା ଆଇଆଇସି ସତ୍ୟ ପ୍ରକାଶ ନନ୍ଦ, ସିଟିଜେନ୍ ଫୋରମ୍‌ର ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ବିଶିଷ୍ଟ ଶିକ୍ଷାବିତ୍ ଅକ୍ଷୟ କୁମାର ନନ୍ଦ, ସାମାଜିକ କର୍ମୀ ସୁଧାଂଶୁ ଶେଖର ନେଗୀ, ସଂଘ ଉପସଭାପତି ମଳୟ କୁମାର ମୁଣ୍ଡ, ସମ୍ପାଦକ ଭାଗୀରଥି ଭୋଇ, ଯୁଗ୍ମ ସମ୍ପାଦକ ଭାରତ ଭୂଷଣ ଚଲାଣ, କୋଷାଧ୍ୟକ୍ଷ ସନ୍ତୋଷ ପ୍ରସାଦ ଦାସ, ଯୁଗ୍ମ କୋଷାଧ୍ୟକ୍ଷ ସୁବାଶ ଚନ୍ଦ୍ର ପଣ୍ଡା, ଧର୍ମଗଡ ବ୍ଲକ ଗୁଣନିଧି ମାଝି, ନର୍ଲା ଓ କର୍ଲାମୁଣ୍ଡା ବ୍ଲକରୁ ଆସିଥିବା ପ୍ରତିନିଧିମାନେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟା ଓ ତାର ସମାଧାନ କିପରି ହୋଇପାରିବ ତାହା ଉପରେ ଆଲୋକପାତ କରିଥିଲେ। ବିଶ୍ୱ ବରିଷ୍ଠ ନାଗରିକ ନିର୍ଯାତନା ସଚେତନ ଦିବସ ଅବସରରେ ଜିଲାର ବରିଷ୍ଠ ନାଗରିକ ସତ୍ୟନାରାୟଣ ନାଏକ, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧିକାରୀ ଭୋଳାନାଥ ନାଏକ, ଭବାନୀପାଟଣା ଟାଉନ ଥାନା ଅଧିକାରୀ ସତ୍ୟ କୁମାର ନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା । ସକାଳ ଶୋଭାଯାତ୍ରାରେ ବରିଷ୍ଠ ନାଗରିକ ସଂଘ ସଦସ୍ୟ ଇଞ୍ଜିନିୟର ସନାତନ ମୁଣ୍ଡ, ଆଇନଜୀବୀ ଅଶ୍ୱିନ କୁମାର ସାହୁ, ନଳିନୀ ରଞ୍ଜନ ମୁଣ୍ଡ, ଆଦିତ୍ୟ ମୁଣ୍ଡଙ୍କ ସମେତ ଶତାଧିକ ସଦସ୍ୟ ବିଭିନ୍ନ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। ବରିଷ୍ଠ ନାଗରିକ ସଂଘ ଉପସଭାପତି ମଳୟ କୁମାର ମୁଣ୍ଡ, କାର୍ଯ୍ୟକାରୀ କମିଟି ସଦସ୍ୟ ସୁନିଲ କୁମାର ବେହେରା, ସାନ୍ତନୁ କୁମାର ମୁଣ୍ଡ, ସନ୍ତୋଷ ଦାସ, ସୁବାଶ ଚନ୍ଦ୍ର ପଣ୍ଡା, ଗଜେନ୍ଦ୍ର ପାଢି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ପ୍ରଚଣ୍ଡ ରୌଦ୍ରତାପ, ଗୁଳୁଗୁଳିକୁ ଦୃଷ୍ଟିରେ ରଖି ପଦକ୍ଷେପ

## ୩୦ ତାରିଖ ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟ ବର୍ଜନ ନିଷ୍ପତ୍ତି

**ଭବାନୀପାଟଣା,୧୬।୬ (ଡି.ଏନ.ଏ.)**

ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ କୋର୍ଟ କାର୍ଯ୍ୟକୁ ବର୍ଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରବଳ ଗରମକୁ ଆଖି ଆଗରେ ରଖି ନିର୍ଦ୍ଧାରିତ ତାରିଖ ପୂର୍ବରୁ କଳାହାଣ୍ଡି ଓକିଲ ସଂଘ ତରଫରୁ ଆଇନଜୀବୀ ଓ ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ଭବାନୀପାଟଣାର ସମସ୍ତ କୋର୍ଟ କାର୍ଯ୍ୟକୁ ବର୍ଜନ କରିଥିଲେ। ପରବର୍ତ୍ତୀ ସମୟରେ କୋର୍ଟ ଜୁନ୍ ୧୬ ତାରିଖ ପର୍ଯ୍ୟନ୍ତ ଖରାଛୁଟି ହୋଇଥିଲା। ଆସନ୍ତା ୧୭ ତାରିଖ କୋର୍ଟ ଖୋଲିବର ଥିଲା। କିନ୍ତୁ ଖରା ଓ ତାତିର ପ୍ରକୋପ କମିବାରେ ନାହିଁ। ଏହାକୁ ଦୃଷ୍ଟିରେ ରଖି ଶନିବାର କଳାହାଣ୍ଡି ଓକିଲ ସଂଘ ସଭାପତି ଭବେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଂଘର ଏକ ଜରୁରି ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସର୍ବସମ୍ମତିକ୍ରମେ ଅତ୍ୟଧିକ ଖରା ଓ ତାତିକୁ ଆଖିଆଗରେ ରଖି ଜୁନ୍ ୧୭ରୁ ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ କୋର୍ଟ କଚେରୀ କାର୍ଯ୍ୟ ବର୍ଜନ କରିବା ପାଇଁ ସ୍ଥିର ହୋଇଥିବା ସଂଘ ସମ୍ପାଦକ ଅଶ୍ୱିନୀ କୁମାର ଦାସ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ସଂଘ ତରଫରୁ ଜିଲା ଓ ଦୌରା ଜଜ୍ ସମେତ ସମସ୍ତ କୋର୍ଟ ଏବଂ ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ ଭବାନୀପାଟଣା, ତହସିଲଦାର ପ୍ରମୁଖଙ୍କୁ ସଂଘ ତରଫରୁ ଅବଗତ କରାଇ ଦିଆଯାଇଛି। ବୈଠକରେ ସଂଘ ସଭାପତି ଭବେନ୍ଦ୍ର ପଣ୍ଡା, ଉପସଭାପତି ଦିଲୀପ କୁମାର ପ୍ରହରାଜ, ସମ୍ପାଦକ ଅଶ୍ୱିନୀ କୁମାର ସାହୁ, ଯୁଗ୍ମ ସମ୍ପାଦକ ନିହାର ରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ମହେଶ ପ୍ରଶାଦ ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ ଖିରୋଦ ପ୍ରସାଦ ନେଗୀ, ଅବଦୁଲ ସାଜିଦ୍, ପ୍ରଶାନ୍ତ କୁମାର ବାରିକ, ମାନସ ରଞ୍ଜନ ମହାନ୍ତି, କୁନାଲ କୁମାର ବେହେରା, ଭବାନୀ ଶଙ୍କର ସାହୁ, ଲୋକନାଥ ନାଏକଙ୍କ ସମେତ ସମସ୍ତ ବରିଷ୍ଠ ଓ କନିଷ୍ଠ ଆଇନଜୀବୀମାନେ ଯୋଗଦେଇଥିଲେ।



କଳାହାଣ୍ଡି ଓକିଲ ସଂଘର ବୈଠକ ଚାଲିଛି।

## ମଦକୋଠି ବନ୍ଦ ପାଇଁ ଗ୍ରାମବାସୀଙ୍କ ଶୋଭାଯାତ୍ରା

**କେସିଙ୍ଗା,୧୬।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କନ୍ତେଶିର ଗ୍ରାମରେ ଦୀର୍ଘଦିନ ଧରି ମଦ ବିକ୍ରି ଚାଲୁଛି। ଏହାର ପ୍ରତିବାଦରେ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏକ ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଆଦିବାସୀ ସାଂସ୍କୃତିକ ଅନୁଷ୍ଠାନ, ରାମକୃଷ୍ଣ ପରମ ହଂସ ଯୁବ ଅନୁଷ୍ଠାନ, ମହାତ୍ମା ଗାନ୍ଧୀ ସ୍ୱେଚ୍ଛା ସେବୀ ଅନୁଷ୍ଠାନ, ବାବୁଜୀ କ୍ଲବ କନ୍ତେଶିର ଏବଂ କନ୍ତେଶିର ଗ୍ରାମର ସମସ୍ତ ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନର ଶତାଧିକ ମହିଳା, ପୁରୁଷ ଓ ଯୁବତୀ ଯୁବକଙ୍କ ମିଳିତ ଉଦ୍ୟମରେ ଗ୍ରାମର ରତନପଡାସ୍ଥିତ ମା' ଦୁର୍ଗା ମନ୍ଦିରଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ରାମ ମନ୍ଦିର ପରିସର ମଧ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା। କନ୍ତେଶିର ଗ୍ରାମରେ ୧୫ ଜଣ ଚୋରାମଦ ବିକ୍ରି କରିଥିବାରୁ ଏହାକୁ ବିରୋଧ କରି ଏହି ଗ୍ରାମ ପରିକ୍ରମା କରାଯାଇଥିଲା । ଗ୍ରାମର କମ ବୟସର ପିଲାମାନେ ଘରୁ ଟଙ୍କା ଚୋରି କରି ମଦ ପିଉଛନ୍ତି । କନ୍ତେଶିର ଗ୍ରାମରେ ବାସ କରୁଥିବା ଆଦିବାସୀ ଓ ହରିଜନ ସମ୍ପ୍ରଦାୟର ଗରିବ ଶ୍ରେଣୀର ଲୋକେ ଦି ପଇସା ରୋଜଗାର କରି ମଦ କୋଠିରେ ଖର୍ଚ୍ଚ କରୁଛନ୍ତି । ପରିବାର ପୋଷଣରେ ବ୍ୟାଘାତ ସୃଷ୍ଟି ହେଉଥିବାରୁ ଗ୍ରାମର ସମସ୍ତ ଅନୁଷ୍ଠାନ ଓ ମହିଳା ଗ୍ରୁପର ସମସ୍ତ ସଦସ୍ୟା ସଦସ୍ୟ ମଦ କୋଠି ବନ୍ଦ କରିବାକୁ ଦାବି କରିଥିଲେ। ଏହାର ଉଚିତ ପଦକ୍ଷେପ ନେବା ପାଇଁ କେସିଙ୍ଗା ଅବକାରୀ ବିଭାଗକୁ ମଧ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି । ଯଦିଓ ଆସନ୍ତା ଜୁଲାଇ ୧ ତାରିଖ ସୁଦ୍ଧା ବନ୍ଦ କରା ନ ଗଲେ ଅବକାରୀ କାର୍ଯ୍ୟାଳୟ ସମେତ ରାଜପଥ ଅବରୋଧ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି ଶୋଭାଯାତ୍ରାରେ ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର ବ୍ରାହ୍ମା ସମେତ ସମସ୍ତ ଗ୍ରାମବାସୀ ସାମିଲ ହୋଇଥିଲେ । ଏ ନେଇ କେସିଙ୍ଗା ଅବକାରୀ ବିଭାଗର ସବ ଇନ୍ସପେକ୍ଟର ହିରାବତୀ ଠାଟିଙ୍କୁ ପଚାରିବାରୁ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ ।



କନ୍ତେଶିର ଗ୍ରାମବାସୀଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଉଛି।

■ ୧ ତାରିଖ ସୁଦ୍ଧା ବନ୍ଦ କରିବାକୁ ଦାବି
■ ଅବକାରୀ କାର୍ଯ୍ୟାଳୟ ଘେରାଉ, ରାଜପଥ ଅବରୋଧ ଚେତାବନୀ